## ସଂକ୍ଷେପରେ

### ଜରପଡ଼ା ବନାଞ୍ଚଳରେ ହାତୀ ଉପଦ୍ରବ

ଛେଣ୍ଡିପଦା,୨୫ା୯(ଡି.ଏନ.ଏ.)- ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳ ଅନ୍ତର୍ଗତ ପରା, ଓଗୀ, ପରା ଜଙ୍ଗଲ, ଜରପଡା, କୁମୁରସିଙ୍ଗ, ଗୋପୀନାଥପୁର, ଜେରଙ୍ଗ, ସଉରିଆ, କତଡା, କନ୍ଧକୋରଡା ଆଦି ଗ୍ରାମ ଇଲାକାରେ ଗତ ୫ ଦିନ ହେବ ହାତୀ ଉପଦ୍ରବ ଦେଖାଦେଇଛି। ସନ୍ଧ୍ୟା ହେଲେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ଦଳବଦ୍ଧ ହୋଇ ଗ୍ରାମାଭିମୁଖୀ ହୋଇ ଧାନ, ମକା, ପନିପରିବା, ରବି ଫସଲ ଆଦି ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏ ନେଇ ଗ୍ରାମବାସୀ ବନବିଭାଗକୁ ଖବର ଦେଲା ପରେ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ରାତି ସାରା ଉଜାଗର ରହି ଘଉଡାଉଛନ୍ତି। ସେହିପରି ପ୍ରତ୍ୟେକ ରାତିରେ ହାତୀପଲ ବ୍ୟାପକ ଫସଲ କ୍ଷୟକ୍ଷତି କରୁଥିବା ଚାଷୀମାନେ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ହାତୀପଲ ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରୁ ଏହି ଇଲାକାକୁ ପଳାଇ ଆସିଛନ୍ତି। ଫଳରେ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏ ନେଇ ଜରପଡା ସେକ୍ସନ ଫରେଷ୍ଟର ଲୋକନାଥ ପ୍ରଧାନ କହିଛନ୍ତି, ବନବିଭାଗ ସଜାଗ ରହିଛି। ସୂଚନା ମିଳିଲା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ହାତୀପଲଙ୍କୁ ଜଙ୍ଗଲ ଆଡକୁ ଘଉଡାଯାଉଛି।

### ମଦ ଜବତ, ୨ ଗିରଫ

ବଇଣ୍ଡା,୨୫ା୯(ଡି.ଏନ.ଏ.)- ହଣ୍ଡପା ପୋଲିସ ସୋମବାର ରାତିରେ କଣ୍ଢାଳ ଓ ପାପସରା ଗ୍ରାମରେ ଚଢ଼ାଉ କରି ଚୋରା ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଣ୍ଢାଳ ଗ୍ରାମର ନୀଳକଣ୍ଠ ପ୍ରଧାନ, ପାପସରା ଗ୍ରାମର ଝାଡୁ ବେହେରା। ସେମାନଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୪୦ ଓ ୧୪୧/୧୮ରେ ୨ଟି ମାମଲା ରୁଜୁ କରି ମଙ୍ଗଳବାର ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

### କାଠ ବୋଝେଇ ବାଇକ୍ ଜବତ, ଚାଳକ ଗିରଫ




ଛେଣ୍ଡିପଦା,୨୫ା୯(ସ୍ୱ.ପ୍ର)- ଛେଣ୍ଡିପଦା ବନବିଭାଗ ମଙ୍ଗଳବାର ଚଢ଼ାଉ କରି ଏକ କାଠ ବୋଝେଇ ବାଇକ ଜବତ ସହ ଏହାର ଚାଳକ ନୂଆପଡା ଗ୍ରାମର ଲୋଚନ ବେହେରା (୨୫)ଙ୍କୁ ଗିରଫ କରିଛି। ବନବିଭାଗ ସୂତ୍ରରୁ ପ୍ରକାଶ, ଛେଣ୍ଡିପଦା ବନାଞ୍ଚଳ ବ୍ରାହ୍ମଣତରଳା ଜଙ୍ଗଲରୁ ଲୋଚନ ଶାଳ ଗଛ କାଟି ବାଇକ(ନଂ.ଓଆର୧୯ଏଚ୮୨୬୧) ଯୋଗେ ଘରକୁ ଆଣୁଥିବାବେଳେ ବିଶ୍ୱସ୍ତସୂତ୍ରରୁ ବନବିଭାଗ କର୍ମଚାରୀମାନେ ଖବରପାଇ ଚଢ଼ାଉ କରିଥିଲେ।

### ପୂଜା କମିଟି ତରଫରୁ ଅନ୍ନପ୍ରସାଦ ବଣ୍ଟନ

ଅନୁଗୋଳ ଅଫିସ,୨୫ା୯- ଅନୁଗୋଳ ନିକଟସ୍ଥ ମାଟିସାହି ଗଣେଶ ପୂଜା କମିଟି ତରଫରୁ ସୋମବାର ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ କଲେଜପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମାଟିଆ ସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦାନ କରିଥିଲେ। ସଭାପତି କନ୍ଦର୍ପ ମହାରଣା, ଉପସଭାପତି ବିକ୍ରମ ନାଏକ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ଶରତ ପ୍ରଧାନ, କାହ୍ନୁ ପ୍ରଧାନ, ଅଜିତ ନାଏକ, ସିଟୁ ନାଏକ, ଜଗା ପ୍ରଧାନ, କାଳିଆ, ବିକି, ମିଲୁ, କର୍ଣ୍ଣ, ବୁଲୁ, କୁନୁ, ଅଜୟ, ସାଗର, ସୁନିଲ, ଭରତ, ଟୁକୁନା, ସରୋଜ, ନରେନ୍ଦ୍ର, କୃଷ୍ଣ, ପୂର୍ଣ୍ଣ, ଅଜୟ, ଦିଲୀପ, ବାବୁ, ସଂଗ୍ରାମ, ବବୁଲୁ, ମାନସ, ସିଲୁ, ରକି, ବାସୁ ପ୍ରମୁଖ ସହଯୋଗ କରିଥିଲେ।

■ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୫ା୯**




ଜିଲା ସଡ଼କ ସୁରକ୍ଷା କମିଟି ବୈଠକ।

ସଡ଼କ ଦୁର୍ଘଟଣାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମାଇବା ସହ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଗଠିତ ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କୋର୍ଟରୁମ ଠାରେ ଅନୁଷ୍ଠିତ ହୋଇଯାଇଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ବଢୁଥିବାରୁ ସମସ୍ତେ ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଥିଲେ। ଭବିଷ୍ୟତରେ କିପରି ଜନସାଧାରଣ ଦୁର୍ଘଟଣାର ଶିକାର ନ ହେବେ ସେଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲାର ବିଭିନ୍ନ ରାସ୍ତାର ବିପଦପୂର୍ଣ୍ଣ ସ୍ଥଳକୁ ଦୃଷ୍ଟିରେ ରଖି ବ୍ଲାକ ସ୍ପଟ ଗୁଡ଼ିକୁ ଚିହ୍ନଟ କରାଯାଇଛି। ଢେଙ୍କାନାଳ ଏନ୍ଏଚ୍ଏଆଇ ବିଭାଗକୁ ଜାତୀୟ ରାଜପଥର ରନ୍ତଲେଇ ଠାରୁ ଭୂଷଣ ପର୍ଯ୍ୟନ୍ତ ରାସ୍ତାର ସର୍ଭେ କରି ପ୍ରଶସ୍ତୀକରଣ, ରେଟ୍ରୋରିଫ୍ଲେକ୍ଟିଭ ଟେପ୍ ଲଗାଇବା, ରମ୍ବଲର୍ସ ତିଆରି କରିବା ପାଇଁ ପରାମର୍ଶ ଦିଆଯାଇଛି। ଏନ୍ଏଚ୍ଏଆଇ ବିଭାଗର ଅଧିକାରୀମାନେ ରମ୍ବଲର୍ସ ତଥା ବାଙ୍କ ଜାଗାରେ କ୍ୟାଟସ୍ ଆଇ ଲଗାଇବା, ରାସ୍ତାକଡ଼ ଗଛ ଓ ବ୍ରିଜ ଗୁଡ଼ିକରେ ରେଟ୍ରୋରିଫ୍ଲେକ୍ଟିଭ ଟେପ ଆଦି ଲଗାଇବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ରାସ୍ତା ନିରାପତ୍ତା ଉପକରଣ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁର୍ଘଟଣା ପରେ ଆହତମାନଙ୍କ ଉପଯୁକ୍ତ ଯତ୍ନ କିପରି ନିଆଯାଇପାରିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ସମନ୍ୱୟ ରଖିବାକୁ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା। ମେରାମୁଣ୍ଡଳି ଠାରେ ଏକ ଟ୍ରମାକେଆର ସେଣ୍ଟର ଖୋଲିବା ପାଇଁ ପ୍ରସ୍ତାବ ରଖାଯାଇଛି। ଟ୍ରାଫିକ ନିୟମ ମାନୁ ନ ଥିବା ଚାଳକମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ରାସ୍ତାରେ ସୃଷ୍ଟି ହେଉଥିବା ଗର୍ତ୍ତଗୁଡ଼ିକୁ ନିୟମିତ ମରାମତି କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଦୁର୍ଘଟଣା ପରେ ମେଡିକାଲକୁ ସର୍ବପ୍ରଥମେ ଆହତମାନଙ୍କୁ ଆଣୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ଦେବା ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ପିଡି ଏନ୍ଏଚ୍ଏଆଇ ସମ୍ବଲପୁର ଆର୍. ଭେଙ୍କଟେଶ୍ୱରଲୁ, ଜାତୀୟ ରାଜପଥ ଅନୁଗୋଳ ଏସ୍ଡିଓ ପ୍ରଭାତ କୁମାର ମହାନ୍ତି ଓ ଜାତୀୟ ରାଜପଥ ସହକାରୀ ନିର୍ବାହୀ ଯନ୍ତ୍ରୀ ତାଳଚେର ଇଂ. ଆଶୁତୋଷ ଜେନା, ଟ୍ରକ୍ ଆସୋସିଏସନ ସଭାପତି ବିଭୂତି ପ୍ରସାଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଖୁଡ଼ୀଙ୍କୁ ଅପହରଣ, ପଥରରେ ଛେଚି ହତ୍ୟା

**ବଇଣ୍ଡା,୨୫ା୯(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୁଳିଆ ପଞ୍ଚାୟତ ଖୋଲାରେଗେଡ଼ା ଗ୍ରାମ ପୁରୁଣାପାଣି ନାଳ ନିକଟରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ଖୁଡ଼ୀ ଲିଲି ପ୍ରଧାନ(୪୫)ଙ୍କୁ ତାଙ୍କ ପୁତୁରା ଅଖି ପ୍ରଧାନ, ଅଭୟ ପ୍ରଧାନ ଓ ସହଯୋଗୀ ବଇଶିଣା ଗ୍ରାମର ଉମେଶ ବେହେରା ଅପହରଣ କରି ପଥରରେ ଛେଚି ହତ୍ୟା କରିଛନ୍ତି। ଲିଲିଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏ ସଂକ୍ରାନ୍ତରେ ନଂ. ୧୪୨/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗରୁ ପ୍ରକାଶ, ଲିଲି ଓ ଅଖିଙ୍କ ପରିବାର ମଧ୍ୟରେ କିଛି ବର୍ଷ ହେବ ଜମିବାଡ଼ି ଓ ଗଞ୍ଜେଇ କାରବାରକୁ ନେଇ ବିବାଦ ଲାଗି ରହିଥିଲା। ଏପରିକି ଲିଲିଙ୍କ ପରିବାରର ଜଣେ ସଦସ୍ୟ ଗଞ୍ଜେଇ ଚାଷ ମାମଲାରେ ଗିରଫ ହୋଇଥିଲେ। ସେହିଦିନଠାରୁ ଲିଲି ଓ ଅଖିଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ମଙ୍ଗଳବାର ସକାଳେ ଲିଲି ଏକୁଟିଆ ଥିବା ଅଖି ଜାଣିବାକୁ ପାଇଥିଲେ। ପରେ ଅଖି ଲିଲିଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ୩ ଅଭିଯୁକ୍ତ ମିଶି ଲିଲିଙ୍କ ଘରକୁ ଆସିଥିଲେ। ସେ ବିଡ଼ି ତିଆରି କରୁଥିବା ସମୟରେ ଅଭିଯୁକ୍ତମାନେ ଏକ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିଥିଲେ। ପରେ ଏକ ରଶି ସାହାଯ୍ୟରେ ତାଙ୍କ ଗୋଡ଼, ହାତ ବାନ୍ଧି ବାଇକ ଯୋଗେ ପୁରୁଣାପାଣି ନାଳ ନିକଟକୁ ନେଇଯାଇଥିଲେ। ସେଠାରେ ପଥରରେ ଛେଚି ତାଙ୍କୁ ହତ୍ୟା କରିଥିଲେ। ତାଙ୍କ ମୃତଦେହ ସେଠାରେ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ହଣ୍ଡପା ଆଇଆଇସି ଡାନିଏଲ କେରେକେଟା, ସେକେଣ୍ଡ ଅଫିସର ପିସି ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

## ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

**ଅନୁଗୋଳ ଅଫିସ, ୨୫ା୯**

ଆଗାମୀ ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କୋର୍ଟ ରୁମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବାକୁ ସମସ୍ତ ଉପଜିଲାପାଳଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଫଳ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ମତଦାନ କେନ୍ଦ୍ରକୁ ସଂଯୋଗୀକରଣ ରାସ୍ତା, ଭିନ୍ନକ୍ଷମମାନଙ୍କ ପାଇଁ ର୍ୟାମ୍ପ ଓ ରେଲିଂ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ପାଇଖାନା, ପ୍ରତିକ୍ଷା ସ୍ଥାନ, ନେଟ୍ୱାର୍କ ଆସେସ୍‌ମେଣ୍ଟ ଆଦି ଆନୁସାଙ୍ଗିକ ବ୍ୟବସ୍ଥା ସମସ୍ତ ମତଦାନ କେନ୍ଦ୍ରରେ ରହିବ। ଯେଉଁ ମତଦାନ କେନ୍ଦ୍ର ଗୁଡ଼ିକୁ ସଂଯୋଗୀକରଣ ରାସ୍ତା ନ ଥିବ ସେଠାରେ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭୋଟ ଗଣତି କେନ୍ଦ୍ର ଓ ଇଭିଏମ୍ ରଖିବା ନିମନ୍ତେ ସ୍ଥାନ ନିରୂପଣ କରିବା ପାଇଁ ଉପଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ସମସ୍ତ ଭିନ୍ନକ୍ଷମ ମତଦାତାଙ୍କୁ ଗୁରୁତ୍ୱ ଦିଆଯାଇ ସେମାନଙ୍କୁ ମତଦାନ କେନ୍ଦ୍ରକୁ ଆଣିବା ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଦେବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଡେପୁଟୀ କଲେକ୍ଟର ନିର୍ବାଚନ ସରୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା/ ବଅଁରପାଳ**
**୨୫ା୯(ସ୍ୱ.ପ୍ର)/(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଜରପଡା ଥାନା ଡୁକୁଡା ଗାଇକଟା ପୋଲ ନିକଟରେ ମଙ୍ଗଳବାର ଏକ ଟ୍ରକ୍‌ରେ ପିଟି ହୋଇ ବାଇକ୍ ଚାଳକ ନାଲ୍‌କୋ ଅଞ୍ଚଳର ସିଦ୍ଧେଶ୍ୱର ମାରାଣ୍ଡି ଗୁରୁତର ହୋଇଛନ୍ତି। ପୋଲିସ କହିଛି, ସିଦ୍ଧେଶ୍ୱର ବଇଣ୍ଡାରୁ ଅନୁଗୋଳ ଅଭିମୁଖେ ବାଇକ୍ (ନଂ.ଓଡ଼ି୧୯୧୭୭୨) ଯୋଗେ ଯାଉଥିବାବେଳେ ପୋଲ ନିକଟରେ ଛିଡା ହୋଇଥିବା ଏକ ଟ୍ରକ୍(ନଂ.ଓଡ଼ି୧୯କେ-୨୫୪୭)କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେହିପରି ବଅଁରପାଳ ଥାନା ଜୋରାଗାଡ଼ିଆ ନିକଟରେ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ଯୁବକ ଜଣଙ୍କ ବାଇକ ଯୋଗେ ଭୂଷଣରୁ ବଅଁରପାଳ ଫେରୁଥିବାବେଳେ ପଛରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟବାସୀ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# କୁଷ୍ଠ ନିପାତ ପାଇଁ ଗଡ଼ିଲା ଶାମ୍ବ ରଥ

**ଅନୁଗୋଳ ଅଫିସ, ୨୫ା୯**




ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଶାମ୍ବ ରଥକୁ ପତାକା ଦେଖାଇ ଅଧିକାରୀମାନେ ଶୁଭାରମ୍ଭ କରୁଛନ୍ତି।

ଅନୁଗୋଳ ଜିଲାରେ କୁଷ୍ଠ ରୋଗ ନିପାତ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାରେ ଆଗାମୀ ୨୭ ତାରିଖରେ ଆରମ୍ଭ ହେବାକୁ ଥିବା କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ପାଇଁ ପ୍ରତ୍ୟେକ ବ୍ଲକକୁ ମଙ୍ଗଳବାର ସୁସଜ୍ଜିତ ଶାମ୍ବରଥ ପଠାଯାଇଛି। ଜିଲାର ୮ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ୧୦ଟି ଶାମ୍ବରଥ ଘର ଘର ବୁଲି କୁଷ୍ଠ ରୋଗ ନିରାକରଣ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବେ। ଆଗାମୀ ୨୦୨୦ ସୁଦ୍ଧା ଦେଶରୁ କୁଷ୍ଠ ରୋଗ ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟକୁ ଆଖି ଆଗରେ ରଖି ଏହି ରଥ ଜିଲା ପରିକ୍ରମା କରିବ। ସେହିପରି ଆଶାକର୍ମୀ, ସମାଜସେବୀ ଓ ସ୍ୱାସ୍ଥ୍ୟକର୍ମୀମାନେ ରୋଗୀ ଚିହ୍ନଟ କରି ନିରାକରଣ ପାଇଁ ସହାୟତା କରିବେ। ଜନସାଧାରଣଙ୍କ ପାଖରେ ପ୍ରଚାରପତ୍ର ମାଧ୍ୟମରେ ଏହି ସଚେତନତାର ବାର୍ତ୍ତା ପହଞ୍ଚାଇବା ପାଇଁ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଜିଲା କୁଷ୍ଠ ନିରାକରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ ସାହୁ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି ସବୁଜ ପତାକା ଦେଖାଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଶାମ୍ବ ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଗୁଡ଼ିକୁ ଜିଲା କୁଷ୍ଠରୋଗ ପରାମର୍ଶ ଅଧିକାରୀ ଡା. ନିରୋଦ ଶତପଥୀ, ଜିଲା ସ୍ୱାସ୍ଥ୍ୟ ସୂଚନା ଅଧିକାରୀ ମନ୍ଦାକିନୀ ବେହେରା ଓ ବିଶ୍ୱରଞ୍ଜନ ରଥଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବାକୁ ଥିବାବେଳେ ଗାଁ ଦାଣ୍ଡରେ ରଥ ପରିକ୍ରମା କରିବ।

## ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ

**ତାଳଚେର,୨୫ା୯(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତର ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ସୋମବାର ହାଣ୍ଡିଧୁଆ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସନ୍ତୁ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଜିତ କୁମାର ପ୍ରଧାନ, ପାଠାଗାର ସଭାପତି ହାଡିବନ୍ଧୁ ପ୍ରଧାନ, ମନିଲ ମହାରଣା, ଅନିତା ପାଣି, ବିଭୂତି ଭୂଷଣ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପାଠାଗାର ପକ୍ଷରୁ ୬୫ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ କରା ଯାଇଥିଲା। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଠାଗାର ଉପଦେଷ୍ଟା ପ୍ରଭାକର ପ୍ରଧାନ, ଉପସଭାପତି ମହେଶ୍ୱର ମହାନ୍ତି, ଯୁଗ୍ମ ସମ୍ପାଦକ ଜଗବନ୍ଧୁ ବାରିକ, ସାଗର ପ୍ରଧାନ, ତପନ କୁମାର ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାପତି ବାସନ୍ତୀ ସାହୁ, ଶିକ୍ଷକ ହିରଣ୍ୟ ପଟ୍ଟନାୟକ, ମମତା ମିଶ୍ର, ସିପ୍ରା ବାଗ୍ଚି, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁବାସିନୀ ପ୍ରଧାନ, ତନୁ ବାରିକ, ସବିତା ସାହୁ ସହଯୋଗ କରିଥିଲେ। ଶେଷରେ ସାଗର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଛାତ୍ରୀଛାତ୍ରଙ୍କ ସହ ପାଠାଗାର କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକମାନେ।

■ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

# ଏସ୍‌ପି ଅଫିସ୍ ଘେରିଲେ ନତଡ଼ାବାସୀ



ଗ୍ରାମବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଅନୁଗୋଳ ଅଫିସ, ୨୫ା୯**

ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ନତଡା ଗ୍ରାମବାସୀ ଓ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ମଙ୍ଗଳବାର ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନତଡ଼ାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗତ ୧୯ ତାରିଖରେ ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୬୩୪/୧୮ ଓ ୬୩୫/୧୮ରେ ମାମଲା ରୁଜୁ କରିଥିଲେ ବି ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଏଥିସହ କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ବିଜୟ ସାହୁଙ୍କୁ ହୋଇଥିବା ଆକ୍ରମଣ ମାମଲାର ତଦନ୍ତ ଏକ ତରଫା ଭାବେ କରାଯାଉଛି। ଏପରି କି ଅଭିଯୁକ୍ତ ଜଣକ ଗ୍ରାମବାସୀ ଓ ପ୍ରଜାସଂଘ କର୍ମକର୍ତ୍ତାଙ୍କୁ ଧମକ ଚମକ ଦେଉଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଲୋକଙ୍କ ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା କହିଛନ୍ତି।

## ବିଦ୍ୟାମନ୍ଦିରରେ ବିଶ୍ୱ ଓଜୋନ ଦିବସ

**ବଅଁରପାଳ,୨୫ା୯ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକ ନାଲ୍‌କୋନଗର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଠାରେ ବିଶ୍ୱ ଓଜନ ଦିବସ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମହାପ୍ରବନ୍ଧକ ଦେବବ୍ରତ ମହାପାତ୍ର, ମାନସ ପ୍ରସାଦ ମିଶ୍ର, ପିତବାସ ସାହୁ, ଆଲୋକ କୁମାର ସିଂହ, ଗୋବର୍ଦ୍ଧନ ଦାସ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ, ସମସ୍ତ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରବନ୍ଧ ପ୍ରତିଯୋଗିତାର ଜୁନିୟର ଗ୍ରୁପ୍‌ରେ ଅଶ୍ୱିନୀ କୁମାର ବେହେରା ଓ ସିନିୟର ଗ୍ରୁପ୍‌ରେ ଲକ୍ଷ୍ମୀପ୍ରିୟା ଦିକ୍ଷିତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସ୍ଲୋଗାନ ଲେଖିବା ପ୍ରତିଯୋଗିତା ଜୁନିୟର ଗ୍ରୁପ୍‌ରେ ମୋନାଲିନ ସାହୁ ଓ ସିନିୟର ଗ୍ରୁପ୍‌ରେ ପଲ୍ଲବୀ ପ୍ରିୟଦର୍ଶିନୀ ରାଉତ ପ୍ରଥମ ହୋଇଥିଲେ।

ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ୪୫୯ ଦିବ୍ୟାଙ୍ଗ ଚିହ୍ନଟ

କଣିହାଁ,୨୫।୯(ଡି.ଏନ.ଏ.)- କଣିହାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରି ପ୍ରଧାନ, ବିଡିଓ ରମେଶ ଜେନା, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଜ୍ଞାନରଞ୍ଜନ ବିଶ୍ୱାଳ, ଭେଷଜ ସ୍ପେଶାଲିଷ୍ଟ ଡାକ୍ତର ଆରକେଏସ୍ ମହାପାତ୍ର, କର୍ଣ୍ଣ, ନାସା, ଗଳା ଡାକ୍ତର ଅମିତା ମୁଣ୍ଡ, ଚକ୍ଷୁ ବିଭାଗ ଡାକ୍ତର ପରମେଶ୍ୱର ଜେନା, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନନ୍ଦ କିଶୋର ସାହୁ ଯୋଗଦେଇ ୪୫୯ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିଥିଲେ। ସେମାନଙ୍କ ମଧ୍ୟରୁ ୧୮୭ ଜଣ ଶାରୀରିକ ଅକ୍ଷମ, ୧୧୩ ଜଣ ମତିଭ୍ରମ, ୭୪ ଜଣ ଶ୍ରବଣ ସମସ୍ୟା, ୮୫ ଜଣ ଦୃଷ୍ଟିଶକ୍ତି ଅକ୍ଷମ ବୋଲି ଜଣାପଡ଼ିଛି। ସେମାନଙ୍କୁ ସରକାରୀ ନିୟମ ଅନୁଯାୟୀ ସୁବିଧା ପ୍ରଦାନ କରାଯିବ। ପ୍ରତ୍ୟେକ ବ୍ଲକରେ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତରଫରୁ ଏହି ଶିବିର ଆୟୋଜନ କରାଯାଉଛି ବୋଲି ଭାରପ୍ରାପ୍ତ ବ୍ଲକ ଅଧିକାରୀ ଶରତ ବିଶ୍ୱାଳ କହିଛନ୍ତି। ପରେ ଶିବିରରେ ପାଲଲହଡ଼ା ବିଧାୟକ ମହେଶ ସାହୁ ଯୋଗଦେଇଥିଲେ। ବହୁ ସରପଞ୍ଚ, ସମିତିସଦସ୍ୟ ଉପସ୍ଥିତ ଥିଲେ। ସତ୍ୟସାଇ ଜନମଙ୍ଗଳକାରୀ ସଙ୍ଗଠନ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଦୀନ ଦୟାଲଙ୍କ ଜୟନ୍ତୀ

ବଇଣ୍ଡା,୨୫।୯(ଡି.ଏନ.ଏ.)-
କିଶୋରନଗର ବ୍ଲକ ବଇଣ୍ଡା ଭାଜପା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବଇଣ୍ଡା ମଣ୍ଡଳ ସମ୍ପାଦକ ଧ୍ରୁବଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ଅତିଥି ଭାବେ ଜିଲା ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ରାଜେନ୍ଦ୍ର ସାହୁ, ଆଠମଲ୍ଲିକ ବିଧାନସଭା ପ୍ରଭାରୀ କେଶବ ମହାନ୍ତି, ବିଲେଇନାଳୀ ସରପଞ୍ଚ ନବକିଶୋର ସାହୁ, ଛବୀନ୍ଦ୍ର ରାଉଳ, କରୁଣାକର ପ୍ରଧାନ, ନିରଞ୍ଜନ ରାଉଳ, ସୁଜିତ୍ ମହାପାତ୍ର, ଯଶୋବନ୍ତ ସାହୁ, ରମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଦୀନ ଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ବାଇକ୍ ଧକ୍କାରେ ଯୁବକ ମୃତ

ତାଳଚେର,୨୫।୯(ନି.ପ୍ର)- ତାଳଚେର ଥାନା ସୁନାଖଣି ନିକଟ ୫୩ନଂ. ଜାତୀୟ ରାଜପଥରେ ବାଇକ୍ ଧକ୍କାରେ କଣିହାଁ ବ୍ଲକ ଏକଘରିଆ ଗ୍ରାମର ରାଜେନ୍ଦ୍ର ଶତପଥୀ(୫୦)ଙ୍କ ମୃତ୍ୟୁ ହୋଇଛି। ସେ ଟିଉଶନ ସାରି ସାଇକେଲ ଯୋଗେ ଘରକୁ ଫେରିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ■ କାମଚଳାରେ ଚାଲିଛି ବଅଁରପାଳ ବ୍ଲକ

# ୨୬ ଦିନରେ ଦାୟିତ୍ୱରେ ୪ ବିଡିଓ

ବଅଁରପାଳ,୨୫।୯ (ଡି.ଏନ୍.ଏ.)–




ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ ସ୍ଥାୟୀ ବିଡିଓ ନ ଥିବା ବେଳେ ଗତ ୨୬ ଦିନ ମଧ୍ୟରେ ୪ ଜଣ ବିଡିଓ ଅତିରିକ୍ତ ଦାୟିତ୍ୱରେ ରହିବା ଚର୍ଚ୍ଚାର ବିଷୟ ହୋଇଛି। ଏପରି କାମଚଳା ଭାବେ ଦାୟିତ୍ୱ ଦିଆଯାଉ ଥିବାରୁ ବ୍ଲକର ବିକାଶ ବାଧାପ୍ରାପ୍ତ ହେଉଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ପ୍ରକାଶଥାଉ କି, ୩୫ଟି ପଞ୍ଚାୟତ ଥିବା ଏହି ବ୍ଲକର ସ୍ଥାୟୀ ବିଡିଓ ସୁଧାଂଶୁ ମହାନ୍ତିଙ୍କୁ ଗତ ଅଗଷ୍ଟ ୩୧ରେ କାମାକ୍ଷାନଗର ତହସିଲଦାର ଭାବେ ବଦଳି କରାଯାଇଥିଲା। ଏହାପରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ୭ ଦିନ ପାଇଁ ବଅଁରପାଳ ଅତିରିକ୍ତ ତହସିଲଦାର ଶ୍ୟାମସୁନ୍ଦର ସାହୁ ବିଡିଓ ଦାୟିତ୍ୱରେ ଥିଲେ। ସେହିପରି ସେପ୍ଟେମ୍ବର ୬ରୁ ୨୪ ତାରିଖ ପର୍ଯ୍ୟନ୍ତ ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ ଏହି ଦାୟିତ୍ୱ ତୁଲାଇଥିଲେ। ଗତ ୨୪ ତାରିଖ ଠାରୁ ଏଯାଏ ତାଳଚେର ବିଡିଓ ନେତ୍ରାନନ୍ଦ ମଲ୍ଲିକଙ୍କୁ ବଅଁରପାଳ ବିଡିଓ ଦାୟିତ୍ୱ ଦିଆଯାଇଛି। ସ୍ଥାୟୀ ବିଡିଓ ବଦଳରେ ଏପରି ଅସ୍ଥାୟୀ ତଥା କାମଚଳା ଦାୟିତ୍ୱ ବିଭିନ୍ନ ଅଧିକାରୀଙ୍କୁ ଦିଆଯାଉଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଠିକ୍ ଭାବେ ହୋଇପାରୁ ନାହିଁ। କୌଣସି ଜରୁରୀ କାର୍ଯ୍ୟ ପଡ଼ିଲେ ବ୍ଲକ କର୍ମଚାରୀମାନେ ତାଳଚେର ଯାଇ ଦସ୍ତଖତ କରି ଆଣୁଛନ୍ତି। ଏଠାରେ କୁଜିନେତା ଓ ଦଲାଲଙ୍କ ପ୍ରଭାବ ବଢୁଥିବାରୁ ସ୍ଥାୟୀ ବିଡିଓ ବଦଳରେ ଏପରି କାମଚଳା ଦାୟିତ୍ୱ ଦିଆଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ଗତ ଜାନୁୟାରୀ ଠାରୁ ଅତିରିକ୍ତ ବିଡିଓ ପଦବୀ ଖାଲି ପଡ଼ିଛି। ଏଥିସହ ସାମାଜିକ ଶିକ୍ଷା ସଙ୍ଗଠକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦବୀରେ ମଧ୍ୟ କେହି ନାହାନ୍ତି। ବିଭିନ୍ନ କାର୍ଯ୍ୟପାଇଁ ଦୂର ଦୂରାନ୍ତରରୁ ଆସୁଥିବା ଲୋକମାନେ ଅନେକ ସମୟରେ ଅଧିକାରୀଙ୍କୁ ନ ପାଇ ଫେରିଯିବାକୁ ବାଧ୍ୟ ହେଉଛନ୍ତି। ଯେଉଁ ଅଧିକାରୀମାନେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି ସେମାନେ ବାଧ୍ୟ ବାଧ୍ୟକତାର ସହ କାର୍ଯ୍ୟ କରୁଛନ୍ତି ବୋଲି କେତେଜଣ କର୍ମଚାରୀ ପ୍ରକାଶ କରିଛନ୍ତି। ଏଥିପ୍ରତି ସରକାର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଉଛି।

## ବେଆଇନ ମାଟି ପକାକୁ ନେଇ ଅସନ୍ତୋଷ
## ଟ୍ରାକ୍ଟର, ପୋଲିସ ଗାଡି ଅଟକ

ଛେଣ୍ଡିପଦା,୨୫।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମ ରାସ୍ତାପାର୍ଶ୍ୱରେ ଗ୍ରାମର ଜଣେ ବ୍ୟକ୍ତି ମାଟି ପକାଇ ହୁଡା ଦେଇଦେବାରୁ ରାସ୍ତାରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଜମି ରହିଥିଲା। ଏଥିଯୋଗୁ ଯାତାୟାତରେ ଅସୁବିଧାର ଉପୁଜିଥିଲା। ଏ ନେଇ ଗ୍ରାମବାସୀ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାର ସମାଧାନ ନିମନ୍ତେ ତହସିଲଦାରଙ୍କ ପକ୍ଷରୁ ୨ଦିନ ସମୟ ଦିଆଯାଇଥିଲା। ଏହାପରେ ମଧ୍ୟ ପାଣି ଅଟକାଇ ଥିବା ବ୍ୟକ୍ତି ମଙ୍ଗଳବାର ପୁନର୍ବାର ଜେସିବି ଓ ଟ୍ରାକ୍ଟର ଲଗାଇ ମାଟି ପକାଇ ହୁଡା ଦେଇଥିଲେ। ଏ ନେଇ ଗ୍ରାମବାସୀ ସକାଳେ ମାଟି ପକାଉଥିବା ଟ୍ରାକ୍ଟରକୁ ଅଟକ ରଖିଥିଲେ। ଖବରପାଇ ଛେଣ୍ଡିପଦା ଥାନା ସବ୍‌ଇନ୍‌ସପେକ୍ଟର ରଞ୍ଜନ ମାଝି ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ଗ୍ରାମବାସୀ ପୋଲିସ ଗାଡିକୁ ମଧ୍ୟ ଅଟକ ରଖିଥିଲେ। ହୁଡ଼ାରୁ ମାଟି ଉଠା ନ ଯିବା ପର୍ଯ୍ୟନ୍ତ କୌଣସି ଗାଡିକୁ ଛଡାଯିବ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ବୁଧବାର ତହସିଲଦାରଙ୍କ ଉପସ୍ଥିତରେ ସମସ୍ତ ମାଟି ଉଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଟ୍ରାକ୍ଟର ସହ ଥାନା ଗାଡିକୁ ଛାଡି ଦେଇଥିଲେ।

## ■ ଗ୍ରାମରେ ପହଞ୍ଚିଲା ମେଡିକାଲ ଟିମ୍

# ଝାଡ଼ାବାନ୍ତିରେ ୪୦ ଆକ୍ରାନ୍ତ



କଣିହାଁ,୨୫।୯(ଡି.ଏନ.ଏ.)–

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡହୀରା ଗ୍ରାମରେ ସୋମବାରଠାରୁ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ସୋମବାର ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇ ବିଭିନ୍ନ ଘରୋଇ କ୍ଲିନିକରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଏହା ବ୍ୟାପକ ରୂପ ନେବାରୁ ୪୦ ଜଣ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ଅପରାହ୍ନରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗ୍ରାମରେ ପହଞ୍ଚି ଆଶା, ଅଙ୍ଗନୱାଡ଼ି କର୍ମୀ ଓ ୱାର୍ଡମେମ୍ବରଙ୍କ ସହଯୋଗରେ ଚିକିତ୍ସା ବ୍ୟବସ୍ଥା କରିଥିଲେ। ୫ ଜଣଙ୍କୁ ସାଲାଇନ ଲଗାଇବା ସହ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଆକ୍ରାନ୍ତମାନଙ୍କୁ ମେଡିଶିନ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟଟିମ ଲିଡର ଫାର୍ମସିଷ୍ଟ ତ୍ରିପୁରାରୀ ବେହେରା କହିଛନ୍ତି, ଖୋଲା କୂଅରୁ ଦୂଷିତ ପାନୀୟ ଜଳର ବ୍ୟବହାର ଝାଡ଼ାବାନ୍ତି ବ୍ୟାପିବାର କାରଣ ହୋଇଛି। ଏକ ଖୋଲାକୂଅରେ ଡ୍ରେନ ପାଣି ମିଶୁଛି। ଏହାକୁ ଲୋକମାନେ ବ୍ୟବହାର କରୁଛନ୍ତି। ୨୯ ଜଣଙ୍କୁ ଚିକିତ୍ସା କରାଯାଇଛି। ଗ୍ରାମରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଗୌରବ ମାଳି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ନିୟନ୍ତ୍ରଣାଧୀନ ରହିଥିବା କହିଛନ୍ତି। ସେହିପରି ବ୍ଲକ ଅଧ୍ୟକ୍ଷା ନମୀତା ସାହୁ, ସରପଞ୍ଚ ଲୋକନାଥ ସାହୁ ଘର ଘର ବୁଲି ଆକ୍ରାନ୍ତଙ୍କୁ ଭେଟିଥିଲେ। ଏହା ଯେପରି ନ ବ୍ୟାପିବ ସେଥିପ୍ରତି ଧ୍ୟାନ ଦେବାକୁ ସ୍ୱାସ୍ଥ୍ୟବିଭାଗ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବପ୍ରସାଦ ପାଢ଼ି କହିଛନ୍ତି, ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଟିମ୍ ବୁଧବାର ଗାଁକୁ ଯାଇ ଚିକିତ୍ସା ବ୍ୟବସ୍ଥା କରିବେ।

# ମନରେଗା ଜନଶୁଣାଣି ଶିବିର




ଶିବିରରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ଛେଣ୍ଡିପଦା,୨୫।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ସୋମବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ଏବିଡିଓ ଦିଲୀପ କୁମାର ପ୍ରଧାନ, ଆସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟୁତ୍ ବିଭାଗ, ବନ ବିଭାଗ, ୩୪ଟି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ୨୦୧୭/୧୮ ବର୍ଷରେ ସେମାନଙ୍କ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପଗୁଡିକରେ ଖର୍ଚ୍ଚ ହିସାବ ପ୍ରଦାନ କରିଥିଲେ। ବହୁ ଜବ୍‌କାର୍ଡ ହିତାଧିକାରୀ ଉପସ୍ଥିତ ଥିଲେ। ଏପିଓ ଦୀପ୍ତି ରେଖା ସ୍ୱାଇଁ ଶିବିର ପରିଚାଳନା କରିଥିଲେ।

## ପଞ୍ଚାୟତ ଅଫିସରେ ଭଙ୍ଗାରୁଜା ଅଭିଯୋଗ

ବଇଣ୍ଡା,୨୫।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟାପଢୋଲ ପଞ୍ଚାୟତ ଅଫିସରେ ଭଙ୍ଗାରୁଜା କରିବା ସହ କାଗଜପତ୍ରକୁ ପଞ୍ଚାୟତର ପିଅନ ଲମ୍ବୋଦର ସାହୁ ଫିଙ୍ଗି ଦେଇଥିବା ସୋମବାର ସରପଞ୍ଚ ସୁଜେସ୍ନା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏ ସଂକ୍ରାନ୍ତରେ ନଂ. ୯୦/୧୮ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଲମ୍ବୋଦରଙ୍କ ପାଖରେ ପଞ୍ଚାୟତ କାର୍ଯ୍ୟାଳୟର ଏକ ଚାବି ରହିଛି। ବିଳମ୍ବିତ ରାତିରେ ଲମ୍ବୋଦର କାର୍ଯ୍ୟାଳୟକୁ ଯାଇ କାଗଜପତ୍ର ଫିଙ୍ଗାଫୋପଡ଼ା ସହ ଆସବାବପତ୍ର ଗୁଡ଼ିକ ଭାଙ୍ଗି ଦେଇଥିଲେ। ଅପରପକ୍ଷରେ ଲମ୍ବୋଦର କହିଛନ୍ତି ତାଙ୍କୁ ପଞ୍ଚାୟତ ବିଭାଗ ପକ୍ଷରୁ ୨୦ ମାସ ହେବ ଦରମା ଦିଆଯାଇ ନାହିଁ। ଫଳରେ ସେ ଏଭଳି କାଣ୍ଡ କରିଥିବା କହିଛନ୍ତି।

# ମଝିକାରେ ବିଶ୍ୱଶାନ୍ତି ମହାଯଜ୍ଞ



ମହିଳା ପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ତାଳଚେର,୨୫।୯(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ମଝିକା ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଶତାଧିକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ କଳମଛୁଇଁ ବାଉଁଶଗାଡିଆ ନିକଟସ୍ଥ ପୋଖରୀରୁ ପବିତ୍ର ଜଳ କଳସକୁ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂଜକ ଦଣ୍ଡଧର ଶତପଥୀଙ୍କ ପୌରୋହିତ୍ୟରେ ହୃଦୟ କୁମାର ଶତପଥୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ହୃଦାନନ୍ଦ ପ୍ରଧାନ ଓ କ୍ଷୀରୋଦିନୀ ପ୍ରଧାନ କର୍ତ୍ତା ଭାବେ ଉପସ୍ଥିତ ଥିଲେ। ଦୁର୍ଗାପୁର, କାଂଶନାଳୀ, କଳମଛୁଇଁ, ମଝିକା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରିଥିଲେ। ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗ୍ରାମର ସମସ୍ତ ଜନସାଧାରଣ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଖୋଖୋ କବାଡ଼ି ପ୍ରତିଯୋଗିତା

ବଇଣ୍ଡା,୨୫।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପେଡ଼ିପଥର ଉ.ପ୍ରା. ବିଦ୍ୟାଳୟ ଖେଳ ପଡ଼ିଆଠାରେ ସୋମବାର ବ୍ଲକସ୍ତରୀୟ ୧୪ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କୁ ନେଇ ଖୋଖୋ, କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମା ରଞ୍ଜନ ତ୍ରିପାଠୀ ଯୋଗଦେଇଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ସାହୁ, ଶିକ୍ଷକ ଅନୁପ କୁମାର ସାହୁ, ପ୍ରମୋଦ ପ୍ରଧାନ, ସନ୍ତୋଷ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ସରିତା ନାୟକ ଯୋଗ ଦେଇଥିଲେ। ବାଳକ ବିଭାଗରେ ୪୦ ଜଣ ଓ ବାଳିକା ବିଭାଗରେ ୫୦ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୮ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏଥିସହିତ ପେଡ଼ିପଥର ଉ.ପ୍ରା ବିଦ୍ୟାଳୟର ଛାତ୍ରୀ ଡୋନାଲି ଦଳେଇ, ଛାତ୍ର ହର ବାରିକ, ସରୋଜ ମାଝି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଶରତ ଚନ୍ଦ୍ର ସାହୁ, ବିନୋଦିନୀ ସାହୁ, ମୋନାଲିସା ପ୍ରଧାନ, ସସ୍ମିତା ଦାସ, ପବିତ୍ର ନାୟକ, ନିରଞ୍ଜନ ତ୍ରିପାଠୀ, ସୁଧାକର ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଆଠମଲ୍ଲିକ ମହେନ୍ଦ୍ର ହାଇସ୍କୁଲର ଖେଳ ଶିକ୍ଷକ ଭବାନୀ ଶଙ୍କର ମିଶ୍ର ସହଯୋଗ କରିଥିଲେ।

# ବିଜୁ ଯୁବ ବାହିନୀ ବୈଠକ

ଛେଣ୍ଡିପଦା,୨୫।୯(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ କୁଶକିଳା ପଞ୍ଚାୟତ ଅଫିସଠାରେ ବିଜୁ ଯୁବ ବାହିନୀ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ବୈଠକରେ ବିଜୁ ଯୁବ ବାହିନୀ ସଙ୍ଗଠନ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା କିଭଳି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ଯୁବ ଗୋଷ୍ଠୀଙ୍କୁ ହ୍ୱାଟ୍ସଆପରେ ଯୋଡ଼ି ସରକାରୀ କାର୍ଯ୍ୟକ୍ରମଗୁଡିକ ପ୍ରଚାର ପ୍ରସାର କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ଲକ ସଂଯୋଜକ ସତ୍ୟବ୍ରତ ଦେହୁରୀ ଯୋଗଦେଇ ସବିଶେଷ ତାଲିମ ଦେଇଥିଲେ। ସମ୍ପାଦକ ଡିଲେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ଡିଲେଶ୍ୱର ବିଶ୍ୱାଳ, ସରପଞ୍ଚ ବବିତା ରାଣୀ ବେହେରା, ଯୁବନେତା ସୁଶାନ୍ତ ସାହୁ, କିଶୋର ମହାପାତ୍ର, ଦୁର୍ଯ୍ୟୋଧନ ସାହୁ, ଗିରିଧାରୀ ପ୍ରଧାନ, ବାବୁଲା ବିଶ୍ୱାଳ, ଲିପୁ ପ୍ରଧାନ, ଲିପୁ ସାହୁ, ତପନ ସାହୁ, ଟୁନା ବେହେରା, ବିଭୂତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ପୁରୁଣା ଗ୍ରାମକୁ ଫେରିବାକୁ ନୂଆ ରାଇଗୁଡ଼ାବାସୀଙ୍କ ନିଷ୍ପତ୍ତି



ବନ୍ତଳା,୨୫।୯(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘବଂଶ ବୃଦ୍ଧି ପାଇଁ କୋର୍ ଅଞ୍ଚଳରେ ଥିବା ବନ୍ତଳା ଥାନା ବଡକନ୍ତକୁଳ ପଞ୍ଚାୟତର ରାଇଗୁଡାବାସୀଙ୍କୁ ୨୦୧୭ ଡିସେମ୍ବର ପ୍ରଥମ ସପ୍ତାହରେ ପ୍ରଶାସନ ନୂଆଖେତା ସାରୁଆଳି ନିକଟ ନୂଆ ରାଇଗୁଡା ରାଜସ୍ୱ ଗ୍ରାମକୁ ସ୍ଥାନାନ୍ତର କରିଥିଲା। କ୍ଷତିପୂରଣ ବାବଦକୁ ପ୍ରତି ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୧୦ ଲକ୍ଷ ଟଙ୍କା ସହ ପରିବାରକୁ ଜମି ପଟା ବଣ୍ଟନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳି ନ ଥିବା ଅଭିଯୋଗ କରିଛନ୍ତି ରାଇଗୁଡ଼ା ଗ୍ରାମବାସୀ। ପୂର୍ବରୁ ସେମାନେ ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ସୋମବାର ପୁନର୍ବାର ଗ୍ରାମବାସୀମାନେ ସେମାନେ ଅଭିଯୋଗ କରିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଜମି ବାବଦରେ କ୍ଷତିପୂରଣ ଦିଆ ଯାଇ ନାହିଁ। ଘର ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯାଇଥିଲେ ମଧ୍ୟ ସେତିକି ଅର୍ଥରେ ଘର ନିର୍ମାଣ ହୋଇପାରି ନାହିଁ। କିଛି ଲୋକ ଘର ନିର୍ମାଣ କରିଥିବା ବେଳେ ବାକି ଲୋକମାନଙ୍କୁ ଘର କରିବା ପାଇଁ ଜାଗା ଚିହ୍ନଟ ଦିଆ ଯାଇନାହିଁ। ଏଥିସହିତ ଅନ୍ୟାନ୍ୟ ସମସ୍ୟା ରହିଛି। ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଏଥିରେ ମୁଣ୍ଡ ଖେଳାଉ ନ ଥିବାରୁ ମଙ୍ଗଳବାର ସକାଳେ ଏ ନେଇ ସମସ୍ତ ଗ୍ରାମବାସୀ ଏକତ୍ର ହୋଇ ବୈଠକ କରିଥିଲେ। ବୁଧବାର ସକାଳେ ସମସ୍ତେ ମିଳିତ ହୋଇ ସେମାନଙ୍କ ନିଜ ଭିଟା ମାଟିକୁ ଫେରିଯିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନେଇଥିଲେ।

## ସଂକ୍ଷେପରେ

### ୬୩ ୟୁନିଟ୍ ରକ୍ତ ସଂଗ୍ରହ



ସାତମାଇଲ, ୨୫।୯(ଡି.ଏନ୍.ଏ.) ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ଜନତା କଲେଜ ଅଡିଟୋରିୟମ୍‌ରେ ଯୁବ ରେଡ୍‌କ୍ରସ୍ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ସହଯୋଗରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରେଡ୍‌କ୍ରସ୍ କାଉନ୍‌ସିଲର ଅଧ୍ୟାପକ ମୁରଲୀ କିଶୋର ଜେନାମଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଭବେଶ କୁମାର ନାୟକ, ସମ୍ମାନିତ ଅତିଥି କଲେଜ ଅଧକ୍ଷ ଡ. ଅସିତ୍ କୁମାର ଜେନାମଣି ଉପସ୍ଥିତ ଥିଲେ। ଏନ୍‌ସିସି ମୁଖ୍ୟ କିଶୋର ପୃଷ୍ଟି, ଏନଏସ୍ଏସ୍ ମୁଖ୍ୟ ଅଧାପିକା ମମତା ପାଳ, ଅଧାପକ ଦୀପକ ବିଶ୍ୱାଳ, ଅନୁଗୋଳ ବ୍ଲଡ୍ ବ୍ୟାଙ୍କ କର୍ମଚାରୀଙ୍କ ସମେତ କଲେଜର ଛାତ୍ରୀଛାତ୍ର, ଅଧାପିକାଅଧାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବଜ୍ରପାତରେ ଗ୍ରୀଡ୍ ଟ୍ରାନ୍ସଫର୍ମର ଚୂରମାର୍

କାମାକ୍ଷାନଗର, ୨୫।୯(ଡି.ଏନ୍.ଏ.) ଢେଙ୍କାନାଳ ଜିଲା କାମାକ୍ଷାନଗର ପାୱାର ଗ୍ରୀଡ୍ ଟ୍ରାନ୍ସଫର୍ମର ମଙ୍ଗଳବାର ବଜ୍ରପାତରେ ଚୂର୍ମାର ହୋଇଯାଇଛି। ଫଳରେ ଅପରାହ୍ଣ ୩ଟାରୁ ୭ଟା ଯାଏ ଉପଖଣ୍ଡ ସମେତ ଯାଜପୁର ଜିଲାର ଡୁବୁରୀ, ସୁକିନ୍ଦା ବ୍ଲକର କେତେକ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ଗ୍ରୀଡ୍ କର୍ମଚାରୀଙ୍କ ଉଦ୍ୟମରେ ରାତି ୭ଟା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି।

### ମୋରମ ବୋଝେଇ ଡମ୍ପର ଜବତ

ରୂପ୍‌ସା, ୨୫।୯(ଡି.ଏନ.ଏ.) ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ରାସ୍ତାରୁ ମଙ୍ଗଳବାର ରୂପ୍‌ସା ପୋଲିସ ଏକ ବେଆଇନ ମୋରମ ବୋଝେଇ ଡମ୍ପରକୁ ଜବତ କରିଛି। ମୟୂରଭଞ୍ଜ ଅଞ୍ଚଳରୁ ଏହି ଡମ୍ପର (ନଂ. ଓଡ଼ି୦୧ଏମ୍-୭୦୩୦)ଟି ମୋରମ ବୋଝେଇ କରି ଯାଉଥିବା ବେଳେ କସିପଦା ଛକ ରାସ୍ତାରେ ଦବିଯାଇଥିଲା। ଫଳରେ ସ୍ଥାନୀୟ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଥାନାଧିକାରୀ ସୁଚନ୍ଦ୍ର ମହାଲିକ ଡମ୍ପରକୁ ଜବତ ରଖି ରୂପ୍‌ସା ରାଜସ୍ୱ ନିରୀକ୍ଷକଙ୍କ ଜିମା ଦେଇଥିଲେ। ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।

### ବ୍ୟାଟେରି ଚୋରି, ଅଭିଯୁକ୍ତ ଗିରଫ

ରୂପ୍‌ସା, ୨୫।୯(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ନିମା ଗ୍ରାମର ଶଶୀକାନ୍ତ ନାୟକଙ୍କ ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଅଭିଯୋଗରେ ବସ୍ତା ପୋଲିସ ଅଭିଯୁକ୍ତ ପ୍ରମୋଦ ମଲ୍ଲିକଙ୍କୁ ମଙ୍ଗଳବାର ଗିରଫ କରିଛି। ପ୍ରମୋଦଙ୍କ ଘର ହଳଦୀପଦା ନୟାପଡ଼ା ଗ୍ରାମରେ। ଏନେଇ ଥାନାରେ ଏକ ମାମଲା (ନଂ. ୨୫୫/୧୮) ରୁଜୁ କରାଯାଇଛି। ସୋମବାର ରାତିରେ ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରୁଥିବା ବେଳେ ଗ୍ରାମବାସୀ ଅଭିଯୁକ୍ତଜଣଙ୍କୁ ବାନ୍ଧି ନିର୍ଦ୍ଧୁମ୍ ମାଡ଼ ମାରିଥିଲେ। ଏଥିରେ ସମ୍ପୃକ୍ତ ଅନ୍ୟଜଣେ ଫେରାର ଅଛନ୍ତି।

■ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦର ବାର୍ଷିକ ସଭା

# ଜଗନ୍ନାଥ ସଂସ୍କୃତି ଅସୀମ

ଓଡ଼ାପଡ଼ା, ୨୫।୯(ଡି.ଏନ.ଏ.)

ଜଗତର ଠାକୁର ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛି ଜଗନ୍ନାଥ ସଂସ୍କୃତି। ପାରିବାରିକ ସଂହତି ଉପରେ ପର୍ଯ୍ୟବସିତ ଏହି ସଂସ୍କୃତି ଅସୀମ। ଏହାକୁ ଯେତେ ସମୀକ୍ଷା କଲେ ସେତେ ନୂଆ ନୂଆ ତତ୍ତ୍ୱ ବାହାରିବ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଶରଣ-ଶ୍ରୀକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ସୋମବାର ଆଧ୍ୟାତ୍ମିକ ସଭାରେ ଏପରି ମତ ପ୍ରକାଶ ପାଇଛି।

ସଭାପତି ପର୍ଶୁରାମ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶ୍ରୀମନ୍ଦିର ପ୍ରଶାସକ ରବୀନ୍ଦ୍ର କୁମାର ମିଶ୍ର, ଇଂ. ଗଣେଶ ଚନ୍ଦ୍ର ପଣ୍ଡା, ବିଧାୟିକା ସୀମାରାଣୀ ନାଏକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ, ଅନୁପ ରାଉତ ପ୍ରମୁଖ ଯୋଗଦେଇ କଳିଯୁଗରେ ହରି ନାମ ହିଁ ସର୍ବଶ୍ରେଷ୍ଠ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଲଗ୍ନଜିତା ପୃଷ୍ଟି, ଅମିତାପ୍ରଭା ସ୍ୱାଇଁ ଜଗନ୍ନାଥ ଜଣାଣ ଓ ଗୀତଗୋବିନ୍ଦ ଗାନ କରିଥିଲେ। ଭୁବନେଶ୍ୱର ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀର ବରିଷ୍ଠ ସଭ୍ୟ ରମାକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଡ. ଦୁର୍ଗାମାଧବ ପୃଷ୍ଟି ସଭା ସଂଯୋଜନା କରିଥିଲେ।

ଏହି ଅବସରରେ 'ଶରଣ-ଶ୍ରୀକ୍ଷେତ୍ର' ଶ୍ରୀ ଜଗନ୍ନାଥଙ୍କ ନାମରେ ୨ଏକର ଜମି ଉତ୍ସର୍ଗ କରିଥିବା ୮୨ଜଣ ଦାତାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀର ସଭାପତି ପ୍ରହଲ୍ଲାଦ ସାହୁ ମନ୍ଦିର ନିର୍ମାଣ ପାଇଁ ୧ଲକ୍ଷ ୧ ହଜାର ୧୦୧ଟଙ୍କା ପ୍ରଦାନ କରିଥିଲେ। ଶେଷରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସଭାରେ ଉପସ୍ଥିତ ଅତିଥିମାନେ।

### ମିସ୍‌ଡ୍ କଲ୍ କରି ମାଡ଼ ଖାଇଲେ ଡ୍ରାଇଭର

ସଜନାଗଡ଼, ୨୫।୯(ଡି.ଏନ.ଏ.)

ନୀଳଗିରି ଥାନା ଅଞ୍ଚଳର ଜଣେ ମହିଳାଙ୍କ ମୋବାଇଲକୁ ବାରମ୍ବାର ମିସ୍ କଲ୍ କରି ହଇରାଣ କରୁଥିବା ଜଣେ ଟ୍ରକ ଡାଇଭର ଶେଷରେ ଲୋକଙ୍କ ହାତରେ ଧରାପଡି ନିର୍ଦ୍ଧୁମ ମାଡ ଖାଇଛନ୍ତି। ପୋଲିସ ପହଞ୍ଚି ତାଙ୍କ ଉଦ୍ଧାର କରି ଥାନାକୁ ଆଣିଥିଲା। ସେଠାରେ ତାଙ୍କର ମା' ଓ ଭଉଣୀ ପହଞ୍ଚି ତାଙ୍କୁ ମୁକୁଳାଇଛନ୍ତି।

ଧାମନଗର ଅଞ୍ଚଳର ଉକ୍ତ ଯୁବକ ସମ୍ପୃକ୍ତ ମହିଳାଙ୍କ ମୋବାଇଲକୁ ବାରମ୍ବାର ମିସ୍ କଲ୍ କରି ହଇରାଣ କରୁଥିଲେ। ସୋମବାର ରାତିରେ ମହିଳା ଜଣକ ଅତି ଚତୁରତାର ସହ ତାଙ୍କୁ ଫୋନ୍ କରି ନିଜ ଅଞ୍ଚଳକୁ ଡକାଇଥିଲେ। ରସିକିଆ ଡ୍ରାଇଭର ରାତି ଅଧରେ ମହିଳାଙ୍କ ଗ୍ରାମରେ ପହଞ୍ଚିବା ପରେ ସେଠାରେ ଛକି ରହିଥିବା ଗାଁଲୋକ ମିଶି ଉତ୍ତମ ମଧ୍ୟମ ଦେଇଥିଲେ। ନୀଳଗିରି ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ।

# ଅଗ୍ନିଶମ କର୍ମଚାରୀଙ୍କ ଧାରଣା



୬ଦଫା ଦାବିରେ ଧାରଣାରେ ବସିଥିବା ଅଗ୍ନିଶମ କର୍ମଚାରୀମାନେ।

ପରଜଙ୍ଗ, ୨୫।୯(ଡି.ଏନ୍.ଏ.)

୬ଦଫା ଦାବି ନେଇ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ। ଏହାକୁ ନେଇ ବିଭିନ୍ନ ଜରୁରୀ କାର୍ଯ୍ୟ ଠପ୍ ହୋଇଯାଇଛି। ଓଡ଼ିଶା ପୋଲିସ କର୍ମଚାରୀଙ୍କ ସହ ସମାନ ଦରମା ଓ ଭତ୍ତା, ୮ ଘଣ୍ଟା ଡ୍ୟୁଟି, ଜବ୍‌ଚାର୍ଟ ସ୍ଥିର, ଖାଲି ପଦବୀ ପୂରଣ, ଠିକା ବ୍ୟବସ୍ଥା ଉଚ୍ଛେଦ, ସଂଘକୁ ସରକାରୀ ପଞ୍ଜୀକରଣ, ଅବସରକାଳୀନ ପ୍ରାପ୍ୟ ଶୀଘ୍ର ପ୍ରଦାନ, କ୍ୟାଡର ପୁନର୍ଗଠନ ଦାବିରେ କନଷ୍ଟେବଲ ଏବଂ ହାବିଲଦାରମାନେ ଆନ୍ଦୋଳନ ଚଳାଇଛନ୍ତି। ପରଜଙ୍ଗ ଅଗ୍ନିଶମ ବିଭାଗର ହାବିଲଦାର ମଧୁସୂଦନ ଜେନା, ଅଜିତ ପଣ୍ଡା, କର୍ମଚାରୀ ଦୁଷ୍ମନ୍ତ କୁମାର ଦାସ, ବୈରାଗୀ ଚରଣ ସାହୁ, ତାପସ ସ୍ୱାଇଁ, ସରୋଜ ନାୟକ, ତରୁଣ ପରିଡ଼ା, ବିଜୟ ରାଉତ, ଅଜିତ ସେଠୀ ପ୍ରମୁଖ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ମୋ ସ୍କୁଲ୍ ଅଭିଯାନ




ବାପୁଜୀ ସ୍କୁଲରେ ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଢେଙ୍କାନାଳ ଅଫିସ,୨୫।୯

ଢେଙ୍କାନାଳ ସହର ବାଜିଚୌକସ୍ଥିତ ବାପୁଜୀ ଉପ୍ରା ବିଦ୍ୟାଳୟରେ ରବିବାର 'ମୋ ସ୍କୁଲ୍ ଅଭିଯାନ' ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଗୁପ୍ତେଶ୍ୱର ମିଶ୍ରଙ୍କୁ ସଭାପତି ରୂପେ ମନୋନୀତ କରାଯାଇଛି। ସ୍କୁଲର ଉନ୍ନତି ଲାଗି ଉପସ୍ଥିତ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରୀଛାତ୍ରମାନେ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସୁଦର୍ଶନ ମାଟି, ସଂଗ୍ରାମ କେଶରୀ ପାଣି, ରୁଦ୍ରନାରାୟଣ ନନ୍ଦ, ଜ୍ଞାନରଞ୍ଜନ ନନ୍ଦ, ମନୋରଞ୍ଜନ ଜେନା, ରଞ୍ଜନ କୁମାର ଦଳେଇ, ବନମାଳୀ ମହାପାତ୍ର, ଉମେଶ ଚନ୍ଦ୍ର ବେହେରା, ପ୍ରମୋଦ ସେଠୀ, ଦେବେନ୍ଦ୍ର ସିଂ, ଶିକ୍ଷୟିତ୍ରୀ ରଶ୍ମିରେଖା ପଣ୍ଡା, ପ୍ରଣତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅଜଣା ରୋଗରେ ଧାନ ଫସଲ ନଷ୍ଟ

ସଜନାଗଡ଼, ୨୫।୯(ଡି.ଏନ.ଏ.)

ଚଳିତବର୍ଷ ନୀଳଗିରି ଉପଖଣ୍ଡରେ ଅଜଣା ରୋଗପୋକ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି ବୋଲି ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ନୀଳଗିରି କୃଷି ବିଭାଗ ଏଥିପ୍ରତି କୌଣସି ଦୃଷ୍ଟି ଦେଉ ନ ଥିବା ବେଳେ ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ପଡ଼ିଛି। କୃଷି ବିଭାଗ ପକ୍ଷରୁ ଯଦି ତୁରନ୍ତ ପଦକ୍ଷେପ ନ ନେଲେ ସେ କୃଷି କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ବନ୍ଧୁକ ଦେଖାଇ ଲୁଟି ନେଲେ ୨.୮୦ ଲକ୍ଷ

ବାହାନଗା,୨୫।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ପଞ୍ଚାୟତ ରହଣିଆଁଗଞ୍ଜ ଗାଁ ରାସ୍ତାରେ ଜଣେ ଯୁବତୀ ଓ ଯୁବକଙ୍କୁ ୬ରୁ ୭ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ୨ଲକ୍ଷ ୮୦ ହଜାର ଟଙ୍କା ସହ ଏକ ଲାପଟପ୍, ମୋବାଇଲ ଫୋନ ଓ ସୁନାଚେନ ଲୁଟି ନେଇ ଚମ୍ପଟ ମାରିଛନ୍ତି। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଯିବାରୁ ୭ଜଣ ଯୁବକ ୩ଟି ମୋଟରସାଇକେଲରେ ଫେରାର ହୋଇଯାଇଥିଲେ। ଆହତ ଯୁବକଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଖନ୍ତାପଡା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ଓ ଗୋପାଳପୁର ଫାଣ୍ଡି ଅଧିକାରୀ ସଦଳବଳେ ପହଞ୍ଚି ତଦନ୍ତ କରିବା ସହିତ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ହେଲେ ଦୁର୍ବୃତ୍ତଙ୍କ ପତ୍ତା ପାଇ ନ ଥିଲେ। ଏ ସମ୍ପର୍କରେ ଉକ୍ତ ଯୁବକ ମଙ୍ଗଳବାର ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଛି।

ରହଣିଆଗଞ୍ଜ ଗ୍ରାମର ପବିତ୍ର ଲେଙ୍କା ଗୋପାଳପୁରଠାରେ ଏକ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା କିଓସ୍କ ଶାଖା ଖୋଲିଛନ୍ତି। ସେହି ଶାଖାକୁ ସୋମବାର ରାତି ୯ଟାରେ ବନ୍ଦ କରି ନିଜ ଗ୍ରାମର ଜ୍ୟୋତ୍ସ୍ନା ମହାରଣା ନାମ୍ନୀ ମହିଳା କର୍ମଚାରୀଙ୍କ ସହ ମୋଟରସାଇକେଲରେ ଘରକୁ ଯାଉଥିଲେ। ସେମାନେ ଏକ ବ୍ୟାଗରେ ଏକ ଲାପଟପ୍ ସମେତ ୨ଜଣଙ୍କ ୩ ମୋବାଇଲ ଫୋନ ଓ ପାଖରେ ଥିବା ୨ଲକ୍ଷ ୮୦ ହଜାର ଟଙ୍କା ରଖିଥିଲେ। ଗାଁ ମୁଣ୍ଡ ହନୁମାନ ମନ୍ଦିର ପାଖରେ ୨ଟି ମୋଟର ସାଇକେଲରେ ୬ଜଣ ଯୁବକ ସେଠାରେ ଛିଡା ହୋଇ ପବିତ୍ରଙ୍କୁ ଅଟକାଇଥିଲେ। ପବିତ୍ର ମୋଟରସାଇକେଲ ରଖିବା କ୍ଷଣି ପଛପଟୁ ଆଉ ଏକ ମୋଟର ସାଇକେଲରେ ଜଣେ ଯୁବକ ଆସି ଏକ ଲୁହାରଡରେ ପବିତ୍ରଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗକୁ ଛଡାଇନେଇଥିଲେ। ସେହିପରି ଯୁବତୀଙ୍କ ବେକରେ ଭୁଜାଲି ଲଗାଇ ତାଙ୍କର ହଳେ କାନଫୁଲ ଓ ବେକରେ ଥିବା ସୁନା ଚେନକୁ ଛଡାଇ ନେଇଥିଲେ।

# ବଜ୍ରପାତରେ ୨ ମୃତ

ଚମ୍ପୁଆ/ଢେଙ୍କିକୋଟ/ପାଟଣା, ୨୫।୯(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାର ପୃଥକ୍ ସ୍ଥାନରେ ମଙ୍ଗଳବାର ବଜ୍ରପାତ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ବିଷ୍ଣୁପୁରରେ ବଜ୍ରପାତ ଘଟି ଡେଣା ପ୍ରଧାନଙ୍କ ପୁଅ ଦେବାନନ୍ଦ(୫୫)ଙ୍କ ମୃତ୍ୟୁ ଘଟିଛି। ଦେବାନନ୍ଦ ଘର ନିକଟ ବିଲକୁ ଘାସ କାଟିବାକୁ ଯାଇଥିଲେ। ଘାସ କାଟୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ସେ ଟଳି ପଡିଥିଲେ। ତାଙ୍କ ସ୍ତ୍ରୀ ଗ୍ରାମବାସୀଙ୍କ ସହାୟତାରେ ଚମ୍ପୁଆ ଡାକ୍ତରଖାନାକୁ ଦେବାନନ୍ଦଙ୍କୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାରୁପାଟ ପଞ୍ଚାୟତ ଝାରବେଡ଼ା ଗ୍ରାମରେ ବଜ୍ରପାତ ଘଟି ମଧୁସୂଦନ ସେନାପତିଙ୍କ ପୁଅ ଗୁରୁଚରଣଙ୍କ ମୃତ୍ୟୁ ଘଟିଛି। ସେହିପରି ପାଟଣା ବ୍ଲକ ଚାକୁଣ୍ଡା ପାଳ ପଞ୍ଚାୟତ ସାନ ଗମ୍ଭାରୀଆ ହୁଡ଼ି ସାହିର ଜଣେ ମହିଳା ସୋମବାର ଅପରାହ୍ଣରେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ହେଲେ ସନିଆ ମୁଣ୍ଡାଙ୍କ ସ୍ତ୍ରୀ କୁନି। ତାଙ୍କୁ ପାଟଣା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି।

# ହକ୍ ମାଗିଲେ ଡାକ କର୍ମଚାରୀ



ଧାରଣାରତ ଡାକ କର୍ମଚାରୀମାନେ।

ଢେଙ୍କାନାଳ ଅଫିସ,୨୫।୯

କେନ୍ଦ୍ରୀୟ ସଂଘ ଡାକରାରେ ୧୨ଦଫା ଦାବିନେଇ ଢେଙ୍କାନାଳ ଡାକ କର୍ମଚାରୀମାନେ ଡାକ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ଗ୍ରାମୀଣ ଡାକ ସେବକ ମଣ୍ଡଳର ସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ହରେଶଚନ୍ଦ୍ର ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ୨୦୧୬ ଜାନୁୟାରୀ ୧ରୁ କମଲେଶଚନ୍ଦ୍ର କମିଟି ରିପୋର୍ଟ କାର୍ଯ୍ୟକାରୀ କରିବା, ବକେୟାପ୍ରାପ୍ତ ପ୍ରଦାନର ଫର୍ମୁଲା ପରିବର୍ତ୍ତନ, ଗ୍ରାଚ୍ୟୁଇଟି ପରିବର୍ତ୍ତନ କରାଯାଇ ୫ଲକ୍ଷ କରିବା, ଜିଆଇଏସ୍ ସୀମା ୫ଲକ୍ଷ କରିବା, ଇପିଏଫ୍ ସ୍କିମ୍ ଲାଗୁ, ବର୍ଷକୁ ୩୦ଦିନ ସବେତନ ଛୁଟି, ପିଲାଙ୍କ ବାର୍ଷିକ ଶିକ୍ଷାଭତ୍ତା ୬ ହଜାର, କମ୍ପୋଜିଟ୍ ଭତ୍ତା ୫୦୦ରୁ ୧୬୦୦ ଟଙ୍କା କରାଯାଇ ୩ ପର୍ଯ୍ୟାୟରେ ଇନକ୍ରିମେଣ୍ଟ ଲାଗୁ କରିବା, ୨୦୧୬ ଜାନୁୟାରୀ ୧ରୁ ସମସ୍ତ ଅବସରକାଳୀନ ପ୍ରାପ୍ୟ ଲାଗୁ କରିବା, ଆଇପିପିବି କାର୍ଯ୍ୟ ପାଇଁ କମିଶନ ବ୍ୟବସ୍ଥା ଉଠାଯାଇ ଅଫିସ ସମୟ ବଢ଼ାଇବା, ଜଣକିଆ ବ୍ରାଞ୍ଚ ଅଫିସକୁ ୨ଜଣିଆ କରାଯିବା ଆଦି ଦାବିରେ ଏହି ଧାରଣା ଦିଆଯାଇଥିଲା। ପ୍ରଭାକର ନାୟକ, ବିନୟ ଶତପଥୀ, ସତ୍ୟବାଦୀ ରାଉତ, ରମେଶ ଚନ୍ଦ୍ର ସାହୁ, ବିଶ୍ୱଜିତ୍ ସାହୁ, ବିମଳ ଚନ୍ଦ୍ର ସାହୁ, ଭୋଳେଶ୍ୱର ବେହେରା, ସୁଶାନ୍ତ ଦେହୁରୀ, ଅଟଳ ବିହାରୀ ପ୍ରଧାନ, ମହେଶ୍ୱର ଦାସ ଓ ଅରୁଣ କୁମାର ମହାଲିକ ଧାରଣାରେ ଅଂଶଗ୍ରହଣ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଜିଲା ଭୁବନ ଛତାମଠ ନିକଟ ମଙ୍ଗଳା ମନ୍ଦିରରେ ଆଶ୍ୱିନୀ ମଙ୍ଗଳା ଓଷା ପାଇଁ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗୋଡ଼ି ପୋଖରୀରେ ପୂଜାର୍ଚ୍ଚନା ପାଇଁ ସମବେତ ହୋଇଥିବା ମହିଳାମାନେ।



ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ଜନତା କଲେଜରେ ସୋମବାରଠାରୁ ଆରମ୍ଭ ହୋଇଛି ତୃତୀୟ ପର୍ଯ୍ୟାୟ ଆତ୍ମସୁରକ୍ଷା କୌଶଳ ଶିବିର ଆରମ୍ଭ ହୋଇଛି। ଶିବିରରେ ୬୦ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି।



ଢେଙ୍କାନାଳ ସଦର ବ୍ଲକ ପଦ୍ମନାଭପୁର ଗ୍ରାମରେ ନୀଳମାଧବ ଶବର ସଂଘ, ଓଡ଼ିଶା ନିଶା ନିବାରଣ ଅଭିଯାନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ମଦ ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲେ। ଗ୍ରାମରେ ଥିବା ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ନ କରାଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଡାକ୍ତରୀ ଛାତ୍ର ନିଖୋଜ ଅଭିଯୋଗ



**ପରଜଙ୍ଗ, ୨୫।୯(ଡି.ଏନ୍.ଏ.)** ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ନିକଟରେ ରହୁଥିବା ଆଇଜିଆଇଟି କଲେଜ ମେକାନିକାଲ ବିଭାଗ କର୍ମଚାରୀ ନବକିଶୋର ମହାରଣାଙ୍କ ସାନପୁଅ ଲକ୍ଷ୍ମୀଧର ସୋମବାର ସନ୍ଧ୍ୟାରୁ ନିଖୋଜ ଅଛନ୍ତି। ଏ ନେଇ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଲକ୍ଷ୍ମୀଧର ଏସ୍‌ସିବି ମେଡିକାଲ କଲେଜରେ ହାଉସ୍ ସର୍ଜନ ବିଭାଗରେ ଅଧ୍ୟୟନରତ ଥିଲେ। ସେ ଛୁଟିରେ ଘରକୁ ଆସିଥିଲେ। ହେଲେ ସେ ଘରୁ ନିଖୋଜ ହୋଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ଭାଗବତ ଜନ୍ମ ଉତ୍ସବ

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର, (ଡି.ଏନ୍.ଏ.)୨୫।୯-** ଢେଙ୍କାନାଳ ସଦର ବ୍ଲକ ଖମାର ଗ୍ରାମ ମଝିସାହିରେ ମଙ୍ଗଳବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଶତାଧିକ ଗ୍ରାମବାସୀ ଏକାଠି ହୋଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସାମୂହିକ ପ୍ରସାଦ ସେବନ ଆୟୋଜିତ ହୋଇଥିଲା। ଚଣିଆ ସାହୁ, ସୁଦାମ ଦେହେରୀ, ବ୍ରହ୍ମାନନ୍ଦ ସାହୁ, ଖଗେଶ୍ୱର ମହାଳିକ, ସର୍ବେଶ୍ୱର ମହାଳିକ, ନନ୍ଦ ସାହୁ, ନିତ୍ୟାନନ୍ଦ ରାଉତ, ସର୍ବେଶ୍ୱର ବ୍ରହ୍ମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କାମାକ୍ଷାନଗର ଜିରିଡ଼ାମାଳିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଐରା ପକ୍ଷରୁ ପରିଚାଳିତ ଜରାଶ୍ରମରେ ଭାଗବତ ଜନ୍ମ ଉପଲକ୍ଷେ ସ୍ୱତନ୍ତ୍ର ପୂଜାବିଧି ଆୟୋଜିତ ହୋଇଥିଲା। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଏବଂ ପରଜଙ୍ଗ ତହସିଲଦାର ଅମ୍ରିତ ସରକାର ଉପସ୍ଥିତ ରହି ବୃଦ୍ଧାବୃଦ୍ଧଙ୍କୁ ନୂତନ ବସ୍ତ୍ର ଏବଂ ଭାଗବତ ପୁସ୍ତକ ପ୍ରଦାନ କରିଥିଲେ। ଭାଗବତ ପାଠ ମନରେ ଶାନ୍ତି ଆଣିବ ବୋଲି ଉଭୟେ କହିଥିଲେ। ଐରାର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପଣ୍ଡା, ପରିଚାଳକ ପ୍ରସନ୍ନ ପଣ୍ଡା, ବବ୍ରୁବାହନ ମିଶ୍ର, ମନୋସ୍ମିତା କର, ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ଆକ୍ରମଣ ଉଦ୍ୟମ ଅଭିଯୋଗ

**ଢେଙ୍କାନାଳ ଅଫିସ,୨୫।୯** ଢେଙ୍କାନାଳ ସଦର ଥାନା ଗୁଣ୍ଡିଚାପଡ଼ା ଗ୍ରାମର ଅବସରପ୍ରାପ୍ତ ସାମରିକ କର୍ମଚାରୀ ବିଶ୍ୱଜିତ୍ ସାହୁ ତାଙ୍କ ସ୍ତ୍ରୀ ତୃଷାରାଣୀ(୩୦)ଙ୍କୁ ମଙ୍ଗଳବାର ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବିଶ୍ୱଜିତ୍ ଏକ କଟୁରିରେ ହାଣିବାକୁ ଗୋଡ଼ାଇଥିଲେ। ହେଲେ ସେ ଏଥିରୁ ତୃଷାରାଣୀ ବର୍ତ୍ତିଯାଇଛନ୍ତି। ସ୍ୱାମୀ ଦୀର୍ଘଦିନ ହେଲା ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ନଂ. ୪୨୮/୧୮, ଦଫା ୪୯୮(ଏ), ୩୦୭ରେ ମାମଲା ରୁଜୁ କରାଯାଇଛି। ମହିଳାଙ୍କୁ ତାଙ୍କ ଭାଇଙ୍କ ଘରେ ଛାଡ଼ି ଦିଆଯାଇଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉଭୟେ ୧୦ ବର୍ଷ ହେଲା ବିବାହ କରିଥିବାବେଳେ ସେମାନଙ୍କ ୩ ସନ୍ତାନ ଅଛନ୍ତି।

### ଆଦିତ୍ୟ ରାଜ୍ୟ ଭଲିବଲ ସଂଘର ଯୁଗ୍ମ ସମ୍ପାଦକ



**କାମାକ୍ଷାନଗର, ୨୫।୯(ଡି.ଏନ୍.ଏ.)-** କାମାକ୍ଷାନଗର ଅଞ୍ଚଳର କ୍ରୀଡ଼ା ସଙ୍ଗଠକ ତଥା ସୁଦକ୍ଷ ଭଲିବଲ ଖେଳାଳି ଆଦିତ୍ୟ ଆଚାର୍ଯ୍ୟ ରାଜ୍ୟ ଭଲିବଲ ସଂଘର ଯୁଗ୍ମ ସମ୍ପାଦକ ଭାବେ ୩ୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେ ୩ବର୍ଷ ଧରି ଆୟୋଜିତ କ୍ରୀଡ଼ା ମହୋତ୍ସବର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ ତୁଲାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କ ଉଦ୍ୟମରେ ଭଲିବଲ ଖେଳରେ ଉନ୍ନତି ହେବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

■ମରାମତି ହେଉନି ଅଚଳ ନଳକୂପ

# କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ

**ପରଜଙ୍ଗ, ୨୫।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜଳ ଓ ପରିମଳ ବିଭାଗ କର୍ମଚାରୀଙ୍କ ଦାୟିତ୍ୱହୀନତାରୁ ଜଳକଷ୍ଟ ସମସ୍ୟା ଭୋଗୁଛନ୍ତି ଲୋକେ। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଅଚଳ ନଳକୂପ ମରାମତି ଦିଗରେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ଧ୍ୟାନ ଦେଉନାହାନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଗଣ୍ଡତଇଲା ଗ୍ରାମବାସୀ।

ପରଜଙ୍ଗ ପଞ୍ଚାୟତ ଅଧୀନ ଗଣ୍ଡତଇଲାରେ ଥିବା ୩ ନଳକୂପ ଅଚଳ ହୋଇଯାଇଛି। ଏହାର ମରାମତି କରିବାକୁ ସେପ୍ଟେମ୍ବର ୫ରୁ ସାହିବାସୀ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ହେଲେ ଦୀର୍ଘ ୨୦ ଦିନ ବିତିଯାଇଥିଲେ ସୁଦ୍ଧା ନଳକୂପ ମରାମତି ଦିଗରେ ବିଭାଗୀୟ ଅଧିକାରୀ ଆନ୍ତରିକତା ଦେଖାଇ ନ ଥିଲେ। ଅନ୍ୟ ଉପାୟ ନ ଥିବାରୁ ଜଳକଷ୍ଟ ଭୋଗୁଥିବା ଅଞ୍ଚଳବାସୀ ଦୂଷିତ ଜଳ ପିଇବାକୁ ବାଧ ହେଉଛନ୍ତି। ସମସ୍ୟା ଜଟିଳ ହେଉଥିବାରୁ ମଙ୍ଗଳବାର ଭୀମସେନ ଖଟୁଆଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବକମାନେ ବିଭାଗୀୟ ଯନ୍ତ୍ରୀ ଶିବପ୍ରସାଦ ପଟ୍ଟନାୟକଙ୍କୁ ଏହାର କୈଫିୟତ ମାଗିଥିଲେ। ଅଭିଯୋଗ ଦାଖଲ କରିବାର ୨୫ଦିନ ପରେ ବି କାହିଁକି ନଳକୂପ ମରାମତି କରାଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଯନ୍ତ୍ରୀ ବୁଧବାର ସମସ୍ୟା ସମାଧାନ କରାଯିବ ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସେମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ତୁରନ୍ତ ନଳକୂପ ମରାମତି କରାଯିବା ଲାଗି ପଦକ୍ଷେପ ନିଆଯିବା ପରେ ତାଲା ଖୋଲିଥିଲା।



ଗ୍ରାମବାସୀ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

ଜଳ ଓ ପରିମଳ ବିଭାଗ ଅଧୀନରେ ୯ଜଣ ସ୍ଥାୟୀ କର୍ମଚାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଯନ୍ତ୍ରୀଙ୍କ ହାତବାରିସି ସାଜି କର୍ତ୍ତବ୍ୟରେ ଅବହେଳା କରୁଛନ୍ତି। ନଳକୂପ ମରାମତି ଲାଗି ଆସୁଥିବା କର୍ମଚାରୀମାନେ ଟଙ୍କା ଏବଂ ରୋଷେଇ କରି ଖାଇବାକୁ ଦେବାକୁ ଦାବି କରୁଛନ୍ତି। ପ୍ରତି ଥର ସାହି ଲୋକେ ଚାନ୍ଦା କରି ଟଙ୍କା କିମ୍ବା ଖାଇବାକୁ ଦେଉଥିଲେ। ଦିନମଜୁରିଆ ଗରିବ ଶ୍ରେଣୀର ହୋଇଥିବାରୁ ସବୁବେଳେ ସେମାନଙ୍କ ପକ୍ଷେ ଖାଇବାକୁ ଦେବା ଅସମ୍ଭବ ହୋଇପଡ଼ିଥିଲା। ତେଣୁ ନଳକୂପ ମରାମତିରେ ଅବହେଳା କରାଯାଇଥିବା ଭୀମସେନ ଖଟୁଆଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି।

ଏ ନେଇ ଯନ୍ତ୍ରୀ କୁହନ୍ତି, କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳର। ସେମାନେ ନିର୍ଦ୍ଦେଶ ମାନୁନାହାନ୍ତି। ମନଇଚ୍ଛା କାର୍ଯ୍ୟ କରୁଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି। କର୍ମଚାରୀ ଟଙ୍କା ଏବଂ ଖାଇବାକୁ ଦେବାକୁ ଦାବି କରିବା ପ୍ରଶ୍ନରେ ଯନ୍ତ୍ରୀ କହିଛନ୍ତି, ଗ୍ରାମବାସୀ ଖୁସିରେ ଏସବୁ କରିଥାନ୍ତି; ଯାହା ତଦନ୍ତ ସାପେକ୍ଷ। ଅନ୍ୟପଟେ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ପରଜଙ୍ଗ ଜଳ ଓ ପରିମଳ ବିଭାଗ**

- ■ଅଭିଯୋଗ ଆଣିଲେ ଗଣ୍ଡତଇଲା ଗ୍ରାମବାସୀ
- ■ଦାୟିତ୍ୱ ତୁଲାଇବାରେ କର୍ମଚାରୀଙ୍କ ପଛଘୁଞ୍ଚା
- ■ଟଙ୍କା, ଖାଇବାକୁ ଦେବାକୁ ଦାବି କରୁଛନ୍ତି
- ■ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି

■ଗ୍ରାମ୍ୟ କମିଟି ସମ୍ପାଦକ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

**ଢେଙ୍କାନାଳ ଅଫିସ,୨୫।୯**

ଢେଙ୍କାନାଳ ଜିଲା ରାସୋଳ ଥାନା ଅଁଳାବେଡ଼ା ଗ୍ରାମର ବହୁ ଚର୍ଚ୍ଚିତ ଗ୍ରାମ୍ୟ କମିଟି ସମ୍ପାଦକ ନିରାକାର ସାହୁ ହତ୍ୟାକାଣ୍ଡ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ତାରାପ୍ରସାଦ ରଥ ଅଭିଯୁକ୍ତ ଲକ୍ଷ୍ମୀଧର ସାହୁ ଓରଫ୍ ଲଖିଆଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅକ୍ଟୋବର ୪ ରାତି ୮ଟାରେ ଅଁଳାବେଡ଼ା ଗ୍ରାମ କମିଟି ସମ୍ପାଦକ ନିରାକାର ସାହୁଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଗ୍ରାମର ଅମି ସାହୁଙ୍କ ପାନଦୋକାନରେ ବସିଥିବାବେଳେ ଲକ୍ଷ୍ମୀଧର ତାଙ୍କୁ ହଠାତ୍ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ନିରାକାରଙ୍କୁ ପ୍ରଥମେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ନିରାକାର ଗ୍ରାମ କମିଟି ସମ୍ପାଦକ ହେବା ପରେ ଏଥିରେ ଅସନ୍ତୁଷ୍ଟ ଥିଲେ ଲକ୍ଷ୍ମୀଧର। ତେଣୁ ସେ ଏପରି ଜଘନ୍ୟକାଣ୍ଡ ଘଟାଇଥିବା ମୃତକଙ୍କ ଭଉଣୀ ଦମୟନ୍ତୀ ବିଶ୍ୱାଳ ଅଭିଯୋଗ କରିଥିଲେ। ଏ ନେଇ ୯୩/୧୬, ଦଫା ୩୦୨ରେ ମାମଲା ରୁଜୁ ହେବାପରେ ଗିରଫ ହୋଇଥିଲେ ଲକ୍ଷ୍ମୀଧର। ୧୬ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି।

## ବିଶ୍ୱଶାନ୍ତି ଦିବସ

**ଢେଙ୍କାନାଳ ଅଫିସ,୨୫।୯**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ବିଶ୍ୱଶାନ୍ତି ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ଅଧ୍ୟାପିକା ମଞ୍ଜୁଶ୍ରୀ ମୁଖୀ, ଶିକ୍ଷାବିତ୍ ଦୈତାରୀ ପରଡ଼ା, ଅକ୍ଷୟ ଶତପଥୀ, ଉପେନ୍ଦ୍ର ରାଉତ, ସୌମ୍ୟରଞ୍ଜନ ପରିଡ଼ା, ବାହାଦୁର ପାଟସାହାଣୀ, କବି କୁଞ୍ଜ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଶ୍ୱ ଶାନ୍ତି ପ୍ରତିଷ୍ଠା ଏବଂ ପରମାଣୁ ଯୁଦ୍ଧକୁ ଏଡ଼ାଇବା ଦିଗରେ ଭାରତର ଉଦ୍ୟମ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଫେସର ଦିଲୀପ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

■ପ୍ରଶାସନ-ପୋଲିସର ସମନ୍ୱୟ ବୈଠକ

# ନିର୍ବାଚନ ଉପରେ ଫୋକସ୍

**କାମାକ୍ଷାନଗର,୨୫।୯(ଡି.ଏନ.ଏ)**

ସାଧାରଣ ନିର୍ବାଚନକୁ ନଜରରେ ରଖି ମଙ୍ଗଳବାର କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରଜଙ୍ଗ ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ବିଭାଗର ବହୁ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଉପସ୍ଥିତ ଥିଲେ। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ।

ପରଜଙ୍ଗ ନିର୍ବାଚନମଣ୍ଡଳୀରେ ଥିବା ୨୪୨ ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ପରିଚାଳନା, ଉପଯୁକ୍ତ ସ୍ଥାନରେ ବୁଥ୍ କରାଯିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳରେ ସମନ୍ୱୟ ରକ୍ଷା, ଉତ୍ତେଜନା ଏବଂ ଅତିଉତ୍ତେଜନାପ୍ରବଣ ବୁଥ୍ ଚିହ୍ନଟ କରିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପରଜଙ୍ଗ ବିଡିଓ ବସନ୍ତ କୁମାର ମଲ୍ଲିକ, ଏବିଡିଓ ଅଶୋକ ମିଶ୍ର, ତହସିଲଦାର ଅମ୍ରିତ ସରକାର, ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ, କଙ୍କଡ଼ାହାଡ଼ ତହସିଲଦାର ସୁଜାତା ଶୁଭଦର୍ଶିନୀ ନାୟକ, ଥାନାଧିକାରୀ ସୁବାସ ଚନ୍ଦ୍ର ପଣ୍ଡା, ତୁମୁସିଙ୍ଗା ଥାନାଧିକାରୀ ବିଷ୍ଣୁଚରଣ ବାରିକଙ୍କ ସମେତ ସାଆନ୍ଦା, ଦଦରାଘାଟି, ସରାଙ୍ଗ, ମହାବିରୋଡ, ପଣ୍ଡୁଆ ଫାଣ୍ଡି ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର

**ତେଲକୋଇ, ୨୫।୯(ଡି.ଏନ.ଏ.)**

ଲଗାଣ ବର୍ଷାରେ ତେଲକୋଇରେ ବ୍ୟାପକ କ୍ଷତି ହୋଇଛି। ଅନେକ ପରିବାରର ଘର ଭୁଶୁଡ଼ି ପଡ଼ିଛି। ବିପନ୍ନମାନେ ପଲିଥିନ ନ ପାଇ ଅନ୍ୟ ଘର ବାରଣ୍ଡାରେ ଜୀବନ ବିତାଉଛନ୍ତି। ସିରିଗିଡ଼ା ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଘରମଣୀ ମହାନ୍ତ, ଫୁଟ୍‌କାର ମୁଣ୍ଡା, ଶୁକ୍ରୁରାମ ଚେରାଇ, ଗୋପାଳ ମୁଣ୍ଡା, ସୂର୍ଯ୍ୟମଣି ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଗୋକୁଳାନନ୍ଦ ମହାନ୍ତ, ଗୌରହରି ମହାନ୍ତ, କଳାକର ପାତ୍ରଙ୍କ ଘର ଭୁଶୁଡ଼ି ପଡ଼ିଛି। ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗଇ ଦିଆଯାଉ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଫୁଟକାର ମୁଣ୍ଡା ତହସିଲ ଅଫିସକୁ ଆସି ପଲିଥିନ ଖଣ୍ଡେ ନ ପାଇ ନିରାଶ ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ ଜିଙ୍ଗପାଟ ପିଙ୍ଗୁଆ ଗ୍ରାମକୁ ଯାଇ ଆବଶ୍ୟକ ସହାୟତା ପାଇଁ ପ୍ରତିଶ୍ରୁତି ଦେବା ସହ ଚାଉଳ ବଣ୍ଟନ କରିଛନ୍ତି।

## ନିର୍ମାଣ ଶ୍ରମିକଙ୍କୁ ସହାୟକ ଉପକରଣ ବଣ୍ଟନ




ବିଧାୟିକା ସୀମାରାଣୀ ନାୟକ ଉଦ୍‌ବୋଧନ ଦେଉଛନ୍ତି।

**ସାତମାଇଲ, ୨୫।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଖଜୁରିଆକଟା ଦଶହରା ପଡ଼ିଆରେ ଓଡ଼ିଶା ନିର୍ମାଣ ମଜଦୁର ସଭା ଶାଖା ପକ୍ଷରୁ ମଙ୍ଗଳବାର ନିର୍ମାଣ ଶ୍ରମିକଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୫୦୦ଜଣ ଶ୍ରମିକଙ୍କୁ ଗୃହ ନିର୍ମାଣ ଉପକରଣ ଏବଂ ୪୮୦ ଜଣଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା।

ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଖଜୁରିଆକଟା ବଜାର କମିଟି ସଭାପତି ଉପେନ୍ଦ୍ର ମାହୁନ୍ତ, ବ୍ଲକ ବିଜେଡି ସଭାପତି ବରୁଣ ସର, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲା ପ୍ରାଧିକୃତ ଅଧିକାରୀ ବାସୁଦେବ ସାହୁ, ଜିଲା ଶ୍ରମ ଅଧିକାରୀ ଜିତ୍‌ମୋହନ ହାଁସଦା, ଶାଖା ପ୍ରାଧିକୃତ ଅଧିକାରୀ ଜୟକୃଷ୍ଣ ସେଠୀ, ପ୍ରମୋଦ ବେହେରା, ମାନଭଞ୍ଜନ ପ୍ରଧାନ, ହଳଧର ବରାଳ, ଭାରତ ଭୂଷଣ ଶତପଥୀ, ବିଜୟ ବରାଳ, ସୁବ୍ରତ ଜେନା, ବିଭୁଦତ୍ତ ରାଉତ, ଗଣେଶ୍ୱର ମହାଳିକ ପ୍ରମୁଖ ଉପସ୍ଥିତ ରହି ସରକାରୀ ଯୋଜନାର ଲାଭ ଉଠାଇବାକୁ ଉପସ୍ଥିତ ଶ୍ରମିକଙ୍କୁ ପରାମର୍ଶ ଦେଇଥିଲେ।

■ପାଇଖାନା ନିର୍ମାଣରେ ଭୁବନ ପଛୁଆ

# ୧୦,୩୭୮ରୁ ସରିଛି ମାତ୍ର ୪୨୬୮

**ଭୁବନ, ୨୫।୯(ଡି.ଏନ୍.ଏ.)**

ପାଇଖାନା ନିର୍ମାଣରେ ପଛରେ ପଡ଼ିଛି ଭୁବନ ବ୍ଲକ। ଧାର୍ଯ୍ୟଲକ୍ଷ୍ୟର ୫୦% ମଧ୍ୟ ପୂରଣ ହୋଇନାହିଁ। 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ସମୀକ୍ଷା ବେଳେ ଏହି ତଥ୍ୟ ପଦାକୁ ଆସିଛି, ଯାହା ଏପରି ବହୁମୁଖୀ ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚଳିତବର୍ଷ ବ୍ଲକରେ ୧୦,୩୭୮ ପାଇଖାନା ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ସେପ୍ଟେମ୍ବର ସୁଦ୍ଧା ମାତ୍ର ୪୨୬୮ଟିର କାର୍ଯ୍ୟ ଶେଷ ହୋଇଛି। ଅଦ୍ୟାବଧି ୬,୧୧୮ ପାଇଖାନା ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ଆବଶ୍ୟକ ସମୀକ୍ଷା, କ୍ଷେତ୍ର ପରିଦର୍ଶନ କରାଯାଉ ନ ଥିବାରୁ ପାଇଖାନା ନିର୍ମାଣରେ ଶିଥିଳତା ଦେଖାଦେଇଥିବା ଜଣାପଡ଼ିଛି। ଏହାର ସମାଧାନ ପାଇଁ ହିତାଧିକାରୀଙ୍କ ସହ ଆଲୋଚନା କରାଯିବ। ପିଇଓ, କନିଷ୍ଠ ଯନ୍ତ୍ରୀ, ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କ ସହାୟତା ନିଆଯାଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବିଡିଓ ବସନ୍ତ କୁମାର ମାଝି ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସହକାରୀ ଯନ୍ତ୍ରୀ ଜଗବନ୍ଧୁ ବେହେରା, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସରଫରାଜ ଖାନ୍, ପ୍ରଗତି ସହାୟକ ଲିଆକତ୍ ଅଲ୍ଲି, ସ୍ୱଚ୍ଛତା ପ୍ରେରକ ମୁନ୍‌ମୁନ୍ ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ ଏବଂ କନିଷ୍ଠଯନ୍ତ୍ରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

■ ପ୍ରହସନ ପାଲଟିଲା ନିଯୁକ୍ତି ପରାମର୍ଶ ମେଳା

# ପଞ୍ଜୀକୃତଙ୍କ ସଂଖ୍ୟା ୬୦ ଟପିଲାନି

**କାମାକ୍ଷାନଗର,୨୫।୯(ଡି.ଏନ.ଏ.)**

ପ୍ରଚାର ପ୍ରସାର ଅଭାବରୁ କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ନିଯୁକ୍ତି ମେଳା ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ପଞ୍ଜୀକୃତ ଆଶାୟୀଙ୍କ ସଂଖ୍ୟା ୬୦ ନ ଟପିବା ଏହାର ସଫଳତା ଉପରେ ସୃଷ୍ଟି କରିଛି ପ୍ରଶ୍ନବାଚୀ।

ଜିଲା ଏବଂ ବ୍ଲକ ପ୍ରଶାସନ ସହଯୋଗରେ ଆୟୋଜିତ ଉକ୍ତ ମେଳାରେ ନିଯୁକ୍ତି ଓ ପରାମର୍ଶ ଲାଗି ୧୭ଟି ସଂସ୍ଥା ଅଂଶଗ୍ରହଣ କରିଥିଲେ। ହେଲେ ଅପରାହ୍ନ ୧ଟା ସୁଦ୍ଧା ମାତ୍ର ୩୪ଜଣ ଯୁବତୀଯୁବକ ନାମ ପଞ୍ଜୀକରଣ କରାଇଥିଲେ। ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଅଞ୍ଚଳବାସୀ। ସେମାନେ ଆସି ଶିବିରରେ ହୋହଲ୍ଲା କହିଥିଲେ। ଏପରି ଅବ୍ୟବସ୍ଥାକୁ ନେଇ ବ୍ଲକ ପ୍ରଗତି ସହାୟକ ଶତ୍ରୁଘ୍ନ ଦଣ୍ଡପାଟଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ସେମାନେ। ଏହାପରେ କର୍ତ୍ତୃପକ୍ଷଙ୍କ ଚେତା ପଶିଥିଲା। ତୁରନ୍ତ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କୁ ଡକାଇ ତରବରିଆ ଭାବେ ପଞ୍ଜୀକୃତଙ୍କ ସଂଖ୍ୟା ବଢ଼ାଇବାକୁ ଉଦ୍ୟମ କରାଯାଇଥିଲା। ଏହାପରେ ବହୁ କଷ୍ଟରେ ୫୪ରେ ପହଞ୍ଚିଥିଲା ଆଶାୟୀଙ୍କ ସଂଖ୍ୟା। ବିଡିଓ ଜ୍ୟୋତିଶଙ୍କର ସାହୁ ଏଥିରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଏ ନେଇ ବିଡିଓ କୁହନ୍ତି, ନିଯୁକ୍ତି ମେଳା ସମ୍ପର୍କରେ ୨ଦିନ ପରି ପ୍ରଚାର କରାଯାଇଛି। ଏଥିପ୍ରତି ଯୁବତୀଯୁବକ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ସେ କହିଥିଲେ। ଷ୍ଟଲଗୁଡିକ ଖାଁ ଖାଁ ଥିବାରୁ ବହୁ ବିଳମ୍ବରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ବିଡିଓଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ପଞ୍ଜୀକରଣ ଷ୍ଟଲଗୁଡ଼ିକ ଫାଙ୍କା ପଡ଼ିଛି।

- ■ଆଗ୍ରହ ଦେଖାଉନାହାନ୍ତି ଯୁବତୀଯୁବକ
- ■ତରବରିଆ ଭାବେ ସଂଖ୍ୟା ବଢ଼ାଇବାକୁ ଉଦ୍ୟମ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ବୁଧବାର, ସେପ୍ଟେମ୍ବର ୨୬ /୨୦୧୮ Dhenkanal-Angul, Wednesday, September 26 / 2018

## ସଂକ୍ଷେପରେ

### ରଶ୍ମିରଞ୍ଜନ ସେନାପତିଙ୍କୁ ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ପୁରସ୍କାର



କାମାକ୍ଷାନଗର, ୨୫।୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ରଶ୍ମିରଞ୍ଜନ ସେନାପତିଙ୍କୁ ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ନାୟକ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କମିଶନର ବିଷ୍ଣୁପଦ ସେଠୀ, ଅତିରିକ୍ତ ଶାସନ ସଚିବ ଡ. ପାର୍ଥସାରଥୀ ମିଶ୍ର ଉପସ୍ଥିତ ଥିଲେ। ରାଷ୍ଟ୍ର ନିର୍ମାଣ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏପରି କୃତିତ୍ୱ ପାଇଁ କଲେଜ ଅଧ୍ୟକ୍ଷ ଅରବିନ୍ଦକାନ୍ତ ରାୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜବରଦଖଲରେ ୩୦ ଏକର ଜମି



ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଅଞ୍ଚଳବାସୀ।

- ପଞ୍ଚାୟତକୁ ହସ୍ତାନ୍ତର ଦାବି କଲେ ସରପଞ୍ଚ, ଗ୍ରାମବାସୀ
- ପିଇଓ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ଉଦ୍‌ବେଗ

ଢେଙ୍କାନାଳ ଅଫିସ, ୨୫।୯

ଢେଙ୍କାନାଳ ସଦର ବ୍ଲକ ମାଣିପୁର ପଞ୍ଚାୟତର ୩୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲରେ ରହିଛି। ଅଞ୍ଚଳର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜମିକୁ କବ୍‌ଜା କରି ସେଠାରେ କାଜୁଗଛ ଲଗାଇଛନ୍ତି। ତୁରନ୍ତ ଜମି ମାପ କରି ଏହାକୁ ପଞ୍ଚାୟତକୁ ହସ୍ତାନ୍ତର କରିବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଜମି ଜବରଦଖଲ ଯୋଗୁ ଆଗକୁ ବିବାଦୀୟ ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ଏହା ପୂର୍ବରୁ ଉକ୍ତ ଜମିକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରାଯିବା ଜରୁରୀ ହୋଇପଡ଼ିଛି। ପଞ୍ଚାୟତକୁ ଜମି ହସ୍ତାନ୍ତର କରାଗଲେ ରାଜସ୍ୱ ବଢ଼ିବ ବୋଲି ସରପଞ୍ଚ ରେବତୀ ପ୍ରଧାନ କହିଛନ୍ତି। ସେହିପରି ପିଇଓ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ମାସିକ ସଭା ହୋଇପାରୁନାହିଁ। ଅଞ୍ଚଳବାସୀ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପିଇଓଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟ ଅଚଳ ହୋଇପଡୁଛି। ତାଙ୍କ ସ୍ଥାନରେ ନୂତନ ପିଇଓଙ୍କୁ ନିଯୁକ୍ତି ଦେବାକୁ ସରପଞ୍ଚ ଦାବିପତ୍ରରେ ଦର୍ଶାଇଛନ୍ତି।

## ଜିଲାସ୍ତରୀୟ ଫୁଟ୍‌ବଲ: ଚନ୍ଦ୍ରଶେଖରପୁର ବିଜୟୀ

ଢେଙ୍କାନାଳ ଅଫିସ, ୨୫।୯

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଚନ୍ଦ୍ରଶେଖରପୁର ୨-୧ ଗୋଲ୍‌ରେ ନଛିପୁରାକୁ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛି। ବିଜୟୀ ଦଳର କିଷାନ ସାମଲ, ଯୋଗେନ୍ଦ୍ର ସାମଲ ଏବଂ ନଛିପୁରା ଦଳର ବୁବୁ ରାଉତ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଅନିଲ ନନ୍ଦ, ଅରୁଣ ନାୟକ, ତନ୍ମୟ ପଟ୍ଟନାୟକ, ପର୍ଶୁରାମ ମିଶ୍ର ରେଫେରି ଏବଂ ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ଜିଲା କ୍ରୀଡ଼ା ସଂଘ ପୂର୍ବତନ ଉପସଭାପତି କୈଳାସ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ମନୋଜ ପଟ୍ଟନାୟକ, କ୍ରୀଡାବିତ୍ ଶତ୍ରୁଘ୍ନ ମାଟି, ଶ୍ୟାମସୁନ୍ଦର ମହାପାତ୍ର, ସଞ୍ଜୟ କୁମାର ନାୟକ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ସିନର୍ଜି କଲେଜ ଏବଂ ଦୁଦୁରକୋଟ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସମ୍ପାଦକ ନଳିନୀ ଦାସ ସୂଚନା ଦେଇଛନ୍ତି।

## ଫଟୋରେ ଖବର



ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତ ଅଞ୍ଚଳରେ ରହୁଥିବା କିଶୋର ଚନ୍ଦ୍ର ସାମଲଙ୍କ ଘରୁ ମଙ୍ଗଳବାର ୫ଫୁଟ ଲମ୍ବର ଏକ ନାଗ ଉଦ୍ଧାର କରାଯାଇଛି। ବନ୍ୟକ ହେଲ୍‌ପ ଲାଇନ ସଦସ୍ୟ ମନୋଜ ଦାସ, ଅଭିଜିତ୍ ମଲ୍ଲିକ, ଆଲୋକ ମହାନ୍ତି, ଶେଖ୍ ଲାଲୁ, ପାପୁନ ଦାସ ପ୍ରମୁଖ ନାଗକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ।

## ୨୮ରୁ ଅଲ୍ ଓଡ଼ିଶା ମହିଳା ହକି

ଢେଙ୍କାନାଳ ଅଫିସ,୨୫।୯

ଢେଙ୍କାନାଳ ଜିଲା ହକି ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଆସନ୍ତା ୨୮ତାରିଖରୁ ୩ଦିନ ଧରି ଅଲ୍ ଓଡ଼ିଶା ମହିଳା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ପାଇଁ ପ୍ରସ୍ତୁତି ଜାରି ରହିଛି। ମହିଳା କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରାଇବା, ସେମାନଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ସଂଘ ପକ୍ଷରୁ କୁହାଯାଇଛି। ଏହାକୁ ସଫଳ କରିବାକୁ ସମ୍ପାଦକ ପ୍ରଣବ କୁମାର ଷଡଙ୍ଗୀ ଏବଂ କର୍ମକର୍ତ୍ତା ସାଇ ପ୍ରସାଦ ଦଳେଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ

ଭୁବନ, ୨୫।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକରେ ଚଳିତ ମାସ ୨୮ ତାରିଖରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରର ୧୩୨ ସଂସ୍ଥା ଉପସ୍ଥିତ ରହି ଆତ୍ମନିଯୋଜନ ସମ୍ପର୍କରେ ପରାମର୍ଶ ଦେବେ। ବେକାର ଯୁବତୀଯୁବକଙ୍କ ପାଇଁ ଉକ୍ତ ମେଳା ଗୁରୁତ୍ୱ ରଖୁଥିବାବେଳେ ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବସନ୍ତ କୁମାର ମାଝିଙ୍କ ଅଧ୍ୟକ୍ଷତା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ଯନ୍ତ୍ରୀ ଜଗବନ୍ଧୁ ବେହେରା, ପ୍ରଗତି ସହାୟକ ଲିଆକତ୍ ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ବିଜୁ ଯୁବ ବାହିନୀ ସହାୟତାରେ ଶିବିର ସମ୍ପର୍କରେ ପ୍ରଚାର ପ୍ରସାର କରାଯିବ। ବେକାର ଯୁବତୀଯୁବକଙ୍କୁ ଶିବିର ଏବଂ କର୍ମ ନିଯୁକ୍ତି ବିଷୟରେ ସଚେତନ କରାଯିବ। ଗତବର୍ଷ ମେଳାରେ ୧୨୭ ଜଣ ନିଯୁକ୍ତି ପାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟାରେ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ